ମୂଲ୍ୟ: ₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଡିସେମ୍ବର ୧୨-୨୫, ୨୦୧୮

**ଭାରତ-ଭାରତୀ** : ଫହମିଦା ରିୟାଜ୍

**ପ୍ରଥମ ବହି** : ବିଜୟ କୁମାର ଶତପଥୀ

**ପହିଲି ପୁଲକ** : ଅଭିନନ୍ଦନ ଶତପଥୀ

**ସ୍ମରଣୀୟ** : ସରସ୍ୱତୀ ବେହେରା





# ଫସିଲ୍‌ର ନିଦ୍ରାଭଙ୍ଗ



ବିଜୟ କୁମାର ଶତପଥୀ

**ବିଜୟ କୁମାର ଶତପଥୀ**ଙ୍କ ଜନ୍ମ ୧୯ ଅକ୍ଟୋବର ୧୯୫୨ରେ, ଯାଜପୁର ଜିଲାର ଶୂଳିଆ ଗାଁରେ। ପ୍ରକାଶିତ ପ୍ରମୁଖ ନାଟକ: 'ଫସିଲ୍‌ର ନିଦ୍ରାଭଙ୍ଗ' (୧୯୭୮), 'କଂସର ଆତ୍ମା' (୧୯୮୩), 'କ୍ଷୁଧିତ ସରୀସୃପ' (୧୯୮୩), 'ଏଇ ଯେ ସୂର୍ଯ୍ୟ ଉଏଁ' (୧୯୮୭), 'ବିଷାଦ ବୃତ୍ତର କାହାଣୀ' (୧୯୮୮), 'ଶୋଣିତ ସ୍ୱାକ୍ଷର' (୨୦୦୦), 'ପକା ପଇସା ଦେଖ୍ ତାମ୍‌ସା' (୨୦୦୯) ଓ 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ' (୨୦୧୧)। ନାଟକ ଭିନ୍ନ ସାହିତ୍ୟ ସମାଲୋଚନା ଓ ସମ୍ପାଦନାରେ ସିଦ୍ଧହସ୍ତ ଏଇ ନାଟ୍ୟକାର ଓଡ଼ିଆ ନାଟକର ଉତ୍ତର-ଆଧୁନିକ ପର୍ବରେ ଜଣେ ଖୁବ୍ ପ୍ରତିଭାଦୀପ୍ତ ନାଟ୍ୟସ୍ରଷ୍ଟା, ଯିଏ ଓଡ଼ିଆ ନାଟକକୁ ଲୋକମୁଖୀ କରାଇଛନ୍ତି। 'ମିଥ୍' ଓ 'କିମ୍ବଦନ୍ତୀ' ତାଙ୍କ ନାଟକରେ ଯେପରି ନୂଆ ରୂପ ଘେନିଛି, ତାହା ତାଙ୍କ ସମକାଳରେ କ୍ୱଚିତ୍ ସୁଲଭ।

ଅବଶ୍ୟ ନିଜ ସମ୍ପର୍କରେ ବିଶେଷକରି ନିଜର ସାହିତ୍ୟକୃତି ସମ୍ପର୍କରେ କିଛି କହିବା ବିଭିନ୍ନ ଦୃଷ୍ଟିରୁ ଅସମୀଚୀନ, ପୁଣି ନିରାପଦ ମଧ୍ୟ ନୁହେଁ। ତେବେ ମୋର ପ୍ରଥମ ପ୍ରକାଶିତ ନାଟକ ସମ୍ପର୍କରେ, ବିଶେଷତଃ ତା'ର ଦୃଷ୍ଟିଭଙ୍ଗୀ ସମ୍ପର୍କରେ ପଦେଅଧେ କହିବାର ଲାଳସାକୁ ଦମନ କରିପାରୁନି।

'ଫସିଲ୍‌ର ନିଦ୍ରାଭଙ୍ଗ' ମୋର ପ୍ରଥମ ପ୍ରକାଶିତ ନାଟକ। ଛୋଟ ନାଟକ ପରମ୍ପରାକୁ ଆଖି ଆଗରେ ରଖି ଲେଖା ହୋଇଛି। ମୁଁ ମଧ୍ୟ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ସହିତ ଏକମତ ଯେ, ନାଟକ ଦର୍ଶକ ଓ ପାଠକର ମନ ଉପରେ ଚିରସ୍ଥାୟୀ ପ୍ରଭାବ ପକାଇବା ପାଇଁ ଉଦ୍ଦିଷ୍ଟ। ଏକାଙ୍କିକା ଯଦି ସେହି ପ୍ରଭାବ ପକାଇ ପାରିଲା, ତାହାହେଲେ ତାକୁ ଏକାଙ୍କିକା ନ କହି ଛୋଟ ନାଟକ କହିବା ଅଧିକ ସମୀଚୀନ ହେବ। 'ଫସିଲ୍‌ର ନିଦ୍ରାଭଙ୍ଗ' ନାଟକରେ ବୃଦ୍ଧ ଅଧ୍ୟାପକ ରାଜେନ୍ ବାବୁଙ୍କର ଅତୀତ ସ୍ମୃତିଚାରଣ ସହିତ ମାନସିକ ଆନ୍ଦୋଳନକୁ




ରୂପ ଦିଆଯାଇଛି। ନାଟକର ପ୍ରଥମ ଦୃଶ୍ୟଠାରୁ ଚତୁର୍ଥ ଦୃଶ୍ୟ ଶେଷଯାଏଁ ସେ ମାନସିକ ଆନ୍ଦୋଳନ ଓ ବେଦନାଦଗ୍ଧ ଅତୀତର ସ୍ମୃତି ଭିତରେ ବୁଡ଼ି ରହିଛନ୍ତି ନିଜର ଡ୍ରଇଂରୁମ୍‌ରେ ବସି। ଏହାକୁ ସୂଚାଇ ଦେବାପାଇଁ ନିଷ୍ପ୍ରଭ ନୀଳ ଆଲୋକର ସାହାଯ୍ୟ ନିଆଯାଇଛି। ଶେଷ ଦୃଶ୍ୟରେ ବିଶ୍ୱଜିତ୍ ଡାକରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଛନ୍ତି। ବ୍ୟର୍ଥତା, ନୈରାଶ୍ୟ ନାଟକଟିର ମୁଖ୍ୟ ବିଭବ। ସୂତ୍ରଧର ଓ ମୁମୂର୍ଷୁ ବ୍ୟକ୍ତି ଚରିତ୍ର ଦୁଇଟିରେ କିଛିଟା ଉଦ୍ଭଟତା ପରିଲକ୍ଷିତ ହେଲେ ମଧ୍ୟ ମାନସିକ ଅବସ୍ଥାକୁ ତାହା ସୂଚିତ କରେ।




ପ୍ରଥମେ ନାଟକଟି ରେଭେନ୍‌ଶା ମହାବିଦ୍ୟାଳୟରେ ଛଦ୍ମ ନାମରେ ଅଭିନୀତ ହୋଇଥିଲା। ପରେ ଗୋଦାବରୀଶ ମହାବିଦ୍ୟାଳୟସାହିତ୍ୟସଂସଦତରଫରୁଏହା ଅଭିନୀତ। ନାରୀ ଚରିତ୍ରର ବିନା ସହାୟତାରେ ନାଟକଟି ମଞ୍ଚସ୍ଥ ହୋଇପାରିବ। 'ଫସିଲ୍‌ର ନିଦ୍ରାଭଙ୍ଗ' ଓ ମୋର ଅନ୍ୟ ଏକ ଛୋଟ ନାଟକ 'ବିବର୍ଣ୍ଣ ସହର'କୁ ଏକତ୍ର ପ୍ରକାଶ କରିଛନ୍ତି କଟକର ପ୍ରତିଷ୍ଠିତ ପ୍ରକାଶକ 'ଫ୍ରେଣ୍ଡ୍‌ସ ପବ୍ଲିଶର୍ସ'।

ମୁଖବନ୍ଧରେ ଡ. କୃଷ୍ଣ ଚରଣ ବେହେରା ଓ 'ପୂର୍ବରଙ୍ଗ' ଶୀର୍ଷକରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ଉକ୍ତ ମତପୋଷଣ କରିଥିବାରୁ ସେହି ଉତ୍ସାହରେ ମୁଁ ଆଜି ସାମ୍ପ୍ରତିକ ଓଡ଼ିଆ ନାଟକରେ ମୋର ସ୍ୱାକ୍ଷର ଦରଜ କରିପାରିଛି। ଯେକୌଣସି ଲେଖକର 'ପ୍ରଥମ ବହି' ତା'ର ପ୍ରଥମ ସନ୍ତାନ ପରି। ଏହାର ପଶ୍ଚାତ୍‌ରେ ଯେ କେତେ ଶ୍ରମ ନିହିତ ଥାଏ, ତାହା ସେହି ଲେଖକ ହିଁ ଜାଣେ। ଜୀବନରେ ମୁଁ ବହୁ ନାଟକ ଲେଖି ବହୁ ପ୍ରସିଦ୍ଧି ପାଇଥିଲେ ବି ପ୍ରଥମ ନାଟକ 'ଫସିଲ୍‌ର ନିଦ୍ରାଭଙ୍ଗ' ପ୍ରକୃତରେ ମୋ' ନାଟ୍ୟ-ଜୀବନରେ ସୃଜନର ଅଭିନବ ଜାଗରଣ ଆଣିଛି। ମୋ' ନିଦ ଭାଙ୍ଗିଛି। ଏହା ମୋ' ଜୀବନର ପ୍ରଥମ ସୂର୍ଯ୍ୟୋଦୟ।

# ଉଦ୍ଦୀପନା ଯୋଗାଇଲା ଅସୀମ ବସୁଙ୍କ ଲେଖା...




ମହାଶୟ,

* ପଢ଼ିଲି 'ସାହିତ୍ୟାୟନ' ନଭେମ୍ବର ୧୪ରୁ ନଭେମ୍ବର ୨୭ ସଂଖ୍ୟା। ଅତ୍ୟନ୍ତ ଉଦ୍ଦୀପନା ଯୋଗାଇଲା ସେଇ ଶିଳ୍ପୀ ଓ କବି ଅସୀମ ବସୁଙ୍କ ଲେଖା। ତାଙ୍କ କବିତାର ପଂକ୍ତି ଯଥା ''ବାରୁଦର ଗନ୍ଧ ଡେଇଁ ଆସୁନାହିଁ ଏ ବସନ୍ତେ, ଫୁଲର ମହକ / ଧର୍ମଘଟ ସ୍ଲୋଗାନରେ ଏ' ବସନ୍ତେ !/ ହଜିଯାଏ କୋଇଲିର ଡାକ''। ଚମତ୍କାର। ଏଇ ସମୟର ପାଣିପାଗ, ପରିବେଶ ଦେଖି କବି ମର୍ମାହତ। ଧନ୍ୟ ତାଙ୍କୁ। ଦ୍ୱିତୀୟରେ ପଢ଼ିଲି ରମ୍ୟ ରଚନା କବି ତଥା ନାଟ୍ୟକାର ବିଜୟ ଦାସଙ୍କର 'ଆଜି ରବିବାର'। ସତରେ, ରବିବାର ଏକ ସ୍ୱାର୍ଥକୈନ୍ଦ୍ରିକ ଅବସରମାତ୍ର। ହୋଇଥିବ ଯାହା ତାଙ୍କ ରମ୍ୟ ରଚନା କହେ। ଅଙ୍ଗେ ନିଭେଇଛନ୍ତି ସେ ଏବଂ ଆମେମାନେ ମଧ୍ୟ। ତୃତୀୟରେ ପଢ଼ିଲି କବି ଅକ୍ଷୟ ପାତ୍ରଙ୍କ କବିତା 'ସୁଖ', ଭଲ ଲାଗିଲା। 'ଡିମିରି ଫୁଲ ସଂଦିଗ୍ଧ ଅସ୍ତିତ୍ୱ ଅଥଚ ଚର୍ଚ୍ଚିତ'। ବାସ୍, ଏତକ ମୋ' ପାଠକୀୟ ଅନୁଭୂତି। ଦୟାକରି ସ୍ଥାନ ଦେବେ 'ବିଦଗ୍ଧ ପାଠକ' ସ୍ତମ୍ଭରେ।

– ଅବନୀ ପ୍ରଧାନ, ଭଦ୍ରକ, ଭିଆଇପି ରୋଡ-୭୫୬୧୦୦

* ପାଠକରି ଖୁସିହେଲି ନଭେମ୍ବର ୧୪ରୁ ୨୭ ସଂଖ୍ୟା 'ସାହିତ୍ୟାୟନ'। ବିଜ୍ଞାନ ସାହିତ୍ୟରେ ସ୍ଥାନିତ ଶଶିଭୂଷଣ ରଥଙ୍କ 'ମହାକାଶ କୂଜନ'ରୁ ତିନିଜଣ ଆମେରିକୀୟ ବୈଜ୍ଞାନିକ ଡିସେମ୍ବର ୧୦ ତାରିଖରେ ପଦାର୍ଥ ବିଜ୍ଞାନ ନିମନ୍ତେ 'ମହାକର୍ଷଣ ତରଙ୍ଗ' ଆବିଷ୍କାର କରି ଆଇନ୍‌ଷ୍ଟାଇନ୍‌ଙ୍କ ଭବିଷ୍ୟତବାଣୀକୁ ପ୍ରମାଣିତ କରିଥିବା ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ମିନିଗଳ୍ପ 'ଗୁଣ୍ଡା' ପାଠକଲେ ଯେକେହି ଅନ୍ୟ ଅର୍ଥ କରିବ, ମାତ୍ର ସତ୍ୟବ୍ରତ ସାହୁ 'ଘଷି'ରେ ଏହାକୁ ଚିତ୍ରଣ କରି ପାଠକମାନଙ୍କୁ ଚମକାଇ ଦେଇଛନ୍ତି। ରମ୍ୟ ରଚନା ସ୍ତମ୍ଭରେ ବିଜୟ ଦାସଙ୍କ 'ଆଜି ରବିବାର' ଅୟମାରମ୍ଭରେ ହିଁ ଦିନରାତିକୁ ଅତି ସୁନ୍ଦର ଭାବେ ତର୍ଜମା କରାଯାଇଛି। କବିତା ପୃଷ୍ଠାରୁ ଝଡ଼ର ଆଖି, ସେ ଆସିଥିଲା, ତୁମ ପାଇଁ, ସୁଖ, ଦଣ୍ଡ, ତିନୋଟି ଏକପଦୀ ପାଠ କଲେ ବିଭିନ୍ନ କବି ଶବ୍ଦ ଜାଲ ଯେ ଅଲଗା ବୁଣନ୍ତି ଏଥିରେ ସନ୍ଦେହ ନାହିଁ। 'ପୁସ୍ତକ ପରିଚୟ' ସମୀକ୍ଷା ନିମନ୍ତେ ଏହାର ସମୀକ୍ଷକ ଧନ୍ୟବାଦର ପାତ୍ର। ଚତୁର୍ଥ-ପଞ୍ଚମ ପୃଷ୍ଠାରେ ଅସୀମ ବସୁଙ୍କ କବିତା 'ବାରୁଦର ଗନ୍ଧ ଡେଇଁ' ବସନ୍ତରେ କୋଇଲିର ଡାକ କି ଫୁଲର ମହକ ନ ଥିବା କାର୍‌ଗିଲ ଯୁଦ୍ଧକୁ ନେଇ ରଚିତ। ଏହି ମହାନ୍ ଶିଳ୍ପୀ କେବଳ ରଙ୍ଗତୂଳୀ ନୁହେଁ, ଚମତ୍କାର ମନଛୁଆଁ ଲେଖାମାନ ଲେଖି ଆସୁଥିଲେ। ଏହା ପାଠ କଲେ ଜଣେ ପାଠକ ମନରେ ଗଭୀର ରେଖାପାତ କରୁଥିଲା। ତାଙ୍କର ଅବର୍ତ୍ତମାନରେ 'ପଦ୍ମ ପରାଗ' ଏ ଯୁଗରେ ପୁରସ୍କାର ମୋହ କିପରି ଅନ୍ୟକୁ ପାଗଳ କରେ ତଥା ପୁରସ୍କାର ପାଇବା ବ୍ୟକ୍ତି କିପରି ମାନପତ୍ରରେ ନିଜ ନାମ ଲେଖେ ଭାବିବାର ଖୋରାକ ଯୋଗାଇଦିଏ। ଏହି ନାଟ୍ୟକାର ନିଜେ ନିଜ କଥାକୁ 'ମାତ୍ରାଧିକ ଅଳଙ୍କାର ନାଟକକୁ ଚାପିଦିଏ' ବୋଲି ଯାହା ଲେଖିଯାଇଛନ୍ତି, ତାହା ତାଙ୍କ ପର ପିଢ଼ିର ନାଟ୍ୟକାରଙ୍କ ଧ୍ୟେୟ ହେବା ବିଧେୟ। ସ୍ୱଳ୍ପ ପାରିଶ୍ରମିକ ଓ ବେଳେବେଳେ ବିନା ପାରିଶ୍ରମିକରେ ନାଟ କରୁଥିବା ଏହି ନାଟୁଆ ଚିତ୍ରକର ଦୁଃଖକୁ ସାରାଜୀବନ ପିଇପିଇ ହଜମ କରି ଦେଇଛନ୍ତି, ଯାହା ତାଙ୍କର ସବୁବେଳେ ସ୍ଥାନ ପାଉଥିବା ମୁଖମଣ୍ଡଳ ହିଁ କହିବ। ସେ ଦୁଃଖରେ ହିଁ ଅନ୍ୟକୁ ହସାଇବାର ଦୃଷ୍ଟାନ୍ତ ଛାଡ଼ି ଆମଠାରୁ ନେଇଛନ୍ତି ବିଦାୟ।

– ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲି, ବ୍ରହ୍ମପୁର-୧୦, ଗଞ୍ଜାମ

* 'ସାହିତ୍ୟାୟନ' ପାଇଁ ଆପଣ ଲେଖକଙ୍କ ପୂରା ଠିକଣା ଓ ମୋବାଇଲ ନଂ. ଦେବାକୁ ଅନୁରୋଧ କରିଛନ୍ତି, ଭଲକଥା। ତେବେ ଆମର ଅନୁରୋଧ, ଆପଣ ପୁସ୍ତକ ପରିଚୟ ପାଇଁ ଆସୁଥିବା 'ପ୍ରକାଶନ'ର ଠିକଣା ଓ ଫୋନ୍ ନମ୍ବର ମାଗି ଛାପନ୍ତୁ। ଏହାର କାରଣ ହେଲା- ଏସବୁ ବହି ଯେତେ ଭଲ ଆକର୍ଷଣୀୟ ହେଲେ ହେଁ ଆମେ ଦୂରଦୂରାନ୍ତ ଜିଲାବାସୀଙ୍କ ପାଇଁ ସହଜ ଉପଲବ୍ଧ ନୁହେଁ। ପତ୍ରିକାରେ ପ୍ରକାଶନ ଠିକଣା ଦେଇଦେଲେ ଆପଣଙ୍କ କାମ ଶେଷ ହେଲା ଓ ପଢ଼ିବାକୁ ଇଚ୍ଛୁକ ବ୍ୟକ୍ତିର ଖୋଜିବା ଆରମ୍ଭ ହେଲା। ଏଣୁ ଆପଣଙ୍କୁ ଅନୁରୋଧ, ପ୍ରକାଶକଙ୍କ ପୂରା ଠିକଣା ସହ ଫୋନ୍ ନଂ. ଦିଅନ୍ତୁ। ଫଳରେ ତାଙ୍କ ସହ ଆମର ଯୋଗାଯୋଗ ହେବ ଏବଂ ଆପଣଙ୍କ ଉଦ୍ଦେଶ୍ୟ ସଫଳ ହେବ। ଏତିକି କଲେ ଆପଣଙ୍କ ଶ୍ରମ ସାର୍ଥକ ହେବ। 'ସାହିତ୍ୟାୟନ' ଆହୁରି ଲୋକପ୍ରିୟ ହେଉ- ଏହାହିଁ କାମନା।

– ଅଶୋକ କୁମାର ସା, ତରଭା, ସୁବର୍ଣ୍ଣପୁର

**ଆମ ଉତ୍ତର :** ଖବରକାଗଜର ଦାୟିତ୍ୱ ଦୃଷ୍ଟିରୁ ଓଡ଼ିଆ ଭାଷା ଓ ଓଡ଼ିଆ ଲେଖିକାଲେଖକଙ୍କ ପ୍ରେରିତ ବହି ଆମେ ସଂକ୍ଷେପରେ ସମୀକ୍ଷା କରୁଛୁଁ। ଏଥିପାଇଁ ଲେଖକ ବା ପ୍ରକାଶକଙ୍କୁ କିଛି ଦେୟ ଦେବାକୁ ପଡ଼େନାହିଁ। ଅପରପକ୍ଷରେ ପ୍ରକାଶକମାନେ ମଧ୍ୟ ସେମାନଙ୍କର 'ଭଲ ବହି'ର ବିଜ୍ଞାପନ ଖବରକାଗଜରେ ପ୍ରକାଶ କରିବାକୁ ଆଗ୍ରହୀ ହେବା ଉଚିତ। ଯେପରି ବଙ୍ଗଳା, ହିନ୍ଦୀ ଓ ଅନ୍ୟ ଭାଷାର ପ୍ରକାଶକମାନେ କରନ୍ତି। ଏ ଦିଗରେ ଆପଣ ପ୍ରକାଶକ ବନ୍ଧୁମାନଙ୍କୁ ଆଗ୍ରହୀ କରାଇବେ ବୋଲି ଆଶା।

–ସାହିତ୍ୟାୟନ

* ୧୪ ନଭେମ୍ବର, ୨୦୧୮ରେ ପ୍ରକାଶିତ 'ସାହିତ୍ୟାୟନ' ପାଠକଲି। 'ସ୍ମରଣୀୟ' ସ୍ତମ୍ଭରେ ସୀମନ୍ତ ମହାନ୍ତିଙ୍କ ଲେଖନୀ ନିଃସୃତ, 'ବହମାନ ଅସୀମ' ଶୀର୍ଷକ ଲେଖାଟି ବେଶ୍ ମର୍ମସ୍ପର୍ଶୀ ତଥା ଉଚ୍ଚକୋଟୀର ହୋଇପାରିବା ସହିତ ଉକ୍ତ ପୃଷ୍ଠାରେ ସ୍ଥାନିତ ଅସୀମ ବସୁଙ୍କ ଗଳ୍ପ 'ପଦ୍ମ ପରାଗ' ମଧ୍ୟ ବେଶ୍ ଶିକ୍ଷଣୀୟ ହୋଇପାରିଛି। ଏତଦ୍‌ବ୍ୟତୀତ ରମ୍ୟ ରଚନା ପୃଷ୍ଠାରେ ବିଜୟ ଦାସଙ୍କ ରଚିତ 'ଆଜି ରବିବାର' ଶୀର୍ଷକ ଆଲେଖ୍ୟଟି ଅତୀବ ମନଛୁଆଁ। କବିତା ପୃଷ୍ଠାରେ ସଦାଶିବ ଦାଶଙ୍କ ରଚିତ 'ଝଡ଼ର ଆଖି' ଏବଂ କନକ ମଂଜରୀ ପଟ୍ଟନାୟକଙ୍କ 'ସେ ଆସିଥିଲା' ଭାବୋଦ୍ଦୀପକ ହୋଇପାରିଛି। 'ପୁସ୍ତକ ପରିଚୟ'ରେ ଶାରଦୀୟ ଦୁର୍ଗାପୂଜା ଅବସରରେ ପ୍ରକାଶିତ ଏକାଧିକ ପତ୍ରିକା ସଂପର୍କରେ ଜାଣିହେଲା।

– ବିଜୁ ସାହୁ, ଖଣ୍ଡାଏତା, କଟକ-୧୧

* ନଭେମ୍ବର ୧୪ରୁ ୨୭ ସାହିତ୍ୟକୃତିରେ ଭରା 'ସାହିତ୍ୟାୟନ' ପାଠକଲି। ଏଣିକି ବିଜ୍ଞାନ ସାହିତ୍ୟ ଉପରେ ଲେଖା ପ୍ରକାଶ ପାଉଥିବାରୁ ଆପଣଙ୍କୁ ଧନ୍ୟବାଦ। ନାଟ୍ୟକାର, ଚିତ୍ରକର, ନିର୍ଦ୍ଦେଶକ ଓ ଅଭିନେତା ଅସୀମ ବସୁଙ୍କ ମହାନ୍ ସାରସ୍ୱତ ଜୀବନ ବିଷୟରେ ଲେଖା ପଢ଼ି ଜାଣିଲି, ଅସୀମ ବସୁ ବ୍ୟକ୍ତି ନୁହନ୍ତି ; ଏକ ବିଶାଳ କଳାର ଅନୁଷ୍ଠାନ। ତାଙ୍କର ଉଚ୍ଚାଙ୍ଗ କବିତା, 'ପଦ୍ମ ପରାଗ'ର ରଚନା ଶୈଳୀ ଓ ଭାବନା ଖୁବ୍ ଭଲ ଲାଗିଲା। ଲେଖନୀର ଶକ୍ତି ଯେ ନିଶ୍ଚିତ ଭାବେ ତରବାରିଠାରୁ ଶକ୍ତିଶାଳୀ, ଅସୀମ ବସୁଙ୍କ ଲେଖନୀରୁ ସ୍ପଷ୍ଟ। କବିତା 'ସୁଖ' ଓ ରମ୍ୟ ରଚନା 'ଆଜି ରବିବାର' ଆକର୍ଷଣୀୟ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଗଳ୍ପ

# ଝିଅ

ଡ. ଅବଦୁଲ୍ ଓସିଦ୍ ଖାଁ

ଅନ୍ଧାର ବାରିପାରେନା ସୁନାମୁଣ୍ଡା ଓ ପଥର। ଅନ୍ଧ ଦେଖିପାରେନା ସୁନେଲୀ ଆକାଶ ଓ ନୀଳସାଗର। ଭଙ୍ଗା ମନରେ ପଶିପାରେନା ଭଲପାଇବା। ବନ୍ଦ ନାକ ଧରି ରଖିପାରେନା ସୁରଭି। କାଲ ଶୁଣିପାରେନା ମଧୁର ଗୀତ। ହୃଦୟ ଖୋଲା ନ ରଖିଲେ ତମେ ଉପଲବ୍ଧି କରିପାରିବ ନାହିଁ ତମ ନିଜ ଅସ୍ତିତ୍ୱ। ତମ ଅସ୍ତିତ୍ୱ ତମର ଇତିହାସ। ତମ ଅତୀତ ତମର ଇତିହାସ। ତମ ଭାଗ୍ୟ ଓ ଭବିତବ୍ୟ।

ଆସନ୍ତାକାଲିକୁ କେହି ଦେଖିନାହିଁ। ଯେମିତି ତମ ହାତରେ ନାହିଁ ତମର ଭାଗ୍ୟ। ଯେତେ କଳାତ୍ମକ, ନିଚିପର, ନିଖୁଣ କରି ଗଢ଼ି ତୋଳିବାକୁ ଯତ୍ନ କଲେ ବି ତମ ଆଗାମୀ ତମ ପାଇଁ ସତ୍ୟ। ହେଉ ସେ ଉଦାର କି ନିଷ୍ଠୁର। ଫୁଲଟିଏ ଫୁଟିବା ଆଗରୁ ତୋଳି ଦେଲେ କଢ଼, ହୋଇଯାଏ ଶ୍ରୀହୀନ। ବଗିଚା ତୁମର। ଖୋଳିଦେଲେ ମାଟି, ପାଦ ତୁମର ହେବ ଟଳମଳ। ରହିବ କୋଉଠି ? ଝିଅଟିଏ ମା'ଟି। ମାତୃତ୍ୱକୁ କରେ ଯିଏ ଅପମାନ ତା'ଠାରୁ କିଏ ଅଛି କହ–ବେଇମାନ ?

ସତୀଶ ଯତ୍ନ କରୁଚି, ବୁଝାଇଦେବ ସୁଜିତ୍‌କୁ। ଯିଏ ଜିଦ୍ ଧରି ବସିଚି ଭ୍ରୂଣହତ୍ୟା କରାଇ ଦେବ ତା' ସ୍ତ୍ରୀ ସଞ୍ଜନାର। ସେ ଜାଣିଚି ତା' ଗର୍ଭରେ ଅଛି ଏକ କନ୍ୟାଭ୍ରୂଣ। ବଡ଼ ଅଘଟଣ। ମୁଣ୍ଡ ଉପରେ ତା'ର ଛିଣ୍ଡିଛି ପାହାଡ଼। ପାଦତଳ ମାଟି ଯାଇଚି ଧସି। କୋଉଠୁ ଆଣିବ ଟଙ୍କା ସୁନା ଜମି। କମର କଷି ନା କାହାଘରେ ପଶି ? ପାଦେପାଦେ ହେଉଥିବ ଲହୁଲୁହାଣ। ଘରକୁ ଆସିବ ବେନାମୀ ଚିଠି। ଟେଲିଫୋନ୍ କଲ୍। ଏସ୍‌ଏମ୍‌ଏସ୍। ପଡ଼ିଶାଙ୍କ ଚୁପ୍‌ଚାପ୍। ମୁଣ୍ଡବୋଝ ହେଉଥିବ ଭାରି ଦିନୁଦିନ। ବେଦରଦ ଜାତି ଓ ସମାଜ। ଅର୍ଥନୀତି, ଯା' ଆସ ବାଟ ବି ବିପଦପୂର୍ଣ୍ଣ।

ସୁଜିତ୍ ସତୀଶର ତିନିଝିଅରେ ଗୋଟେ ବୋଲି ପୁଅ। ବେକାର। ବେପରୁଆ। ବାରବୁଲା। ଗଞ୍ଜେଇଡ଼। ପୁଅ ମୋହରେ ସତୀଶର ଶାସନ କୋହଳ। ଗେହ୍ଲା ହେଲା। ଟଙ୍କା ନେଲା, ସୁନା ନେଲା। ପଢ଼ାପଢ଼ିରେ ଡୋରି ବାନ୍ଧିଲା। ସତୀଶର ଉପାୟ ନ ଥିଲା। ବାହା କରିଦେଲା।

ସଞ୍ଜନା ପାଠୋଇ। ଆଣ୍ଟେଇ। କାଉଁରିଆକାଠି ନଇଁବ ନାହିଁ, ଭାଙ୍ଗିଯିବ। ଜିଦ୍ ତା'ର ଅନମନୀୟ, ଅଦମନୀୟ। କେତେ ତପସ୍ୟାରେ ପାଇଚି ଗର୍ଭାଧାନ। ତା' ପାଇଁ ମହାନ୍।

ସତୀଶ ଜାଣେ ଗୋଟାଏ ଭୁଲ୍ ତା'ର କରୁଛି ତାକୁ ସନ୍ତାପିତ। ବ୍ୟଥିତ, ଚିନ୍ତିତ, ମର୍ମାହତ। ସେଇ ଭୁଲ୍ ଆଉ ସୁଜିତ୍ ନ କରୁ ଅନ୍ତତଃ।

ଭ୍ରୂଣଟି ଈଶ୍ୱରଙ୍କ ଦାନ। ତମେ ତାକୁ ସମ୍ଭାଳିଲେ, ସଯତ୍ନେ ପାଳିଲେ ସିଏ ହେବ ମହାଦାନ।

ଯେଉଁଦିନ ଧାଇ ହାତରେ ପାଞ୍ଚ ହଜାର ଗୁଂଜି ଦେଇ ଅନୁନୟ କରି କହିଲି– 'ମୋତେ ପୁଅଟିଏ ଦିଅ। ପୁଅଟିଏ ପାଇବାକୁ ମୋର ଭାରି ଇଚ୍ଛା। ସ୍ତ୍ରୀ ମୋର କନ୍ୟାଭ୍ରୂଣ ନଷ୍ଟ କରିବାକୁ ସମ୍ପୂର୍ଣ୍ଣ ଅରାଜି। ତିନିଝିଅ ପରେ ଏ ଚତୁର୍ଥ ବାଜି। ରକ୍ଷା କଲେ ତମେଇ କରିବ। କୁଳ ଉଦ୍ଧାରିବ। ସେ ଏଥିରେ ରାଜି।'



ଧାଇ ଆଣି ଥୋଇଦେଲା ସୁଜିତ୍। ନେଇଗଲା ସୁରଭି।

ହସିଲେ ବାପା ବୋଉ ପରିବାର। ବନ୍ଧୁ ସୋଦର ମାଗିଲେ ମିଠା। ଜନ୍ମଦିନ, ସତ୍ୟପୀର ପାଲାରେ ଉଚ୍ଛୁଳିଲା ଅଗଣା। ମଠ। ମିଠା ଆଉ ପିଠାରେ ଭାସିଲା ଘର। ନୂଆ ମଣିଷ ଆସିଚି କୋଳକୁ। କୁଳନନ୍ଦନ। ଉଧାରିବ କୁଳ। ଆହ୍ଲାଦରେ ପାଉନାହିଁ ଥଳକୂଳ। ପଞ୍ଝୁଆତି, ବାରରାତ୍ର। ଏକୋଇଶା। ଅନ୍ନପ୍ରାଶନ ଓ ଖଡ଼ିଛୁଆଁ ସବୁ ସରିଗଲା। ଶ୍ରୀ ଅକ୍ଷର ବିବର୍ଜିତ ପୁଅ ରହିଗଲା।

ଗଲାସନ ହେଲା ତା'ର ବାହା। ସୁରଭି ବି ଗଲାସନ ପାଇଲା ଆଇଏଏସ୍। ହେଲା ଟପ୍ପର। ଉଜ୍ଜ୍ୱଳ କଲା ତା' ବାପ ଅଜା ନାଁ। ସମାଜରେ ଫଟୋ ସହ ବାହାରିଥିଲା ନାଁ। ଧନ୍ୟ ପିତାମାତା। ଆପଣା ସୁନାକୁ ଭେଣ୍ଡି ମଣି, ମାଟିକୁ ସୁନା ଜ୍ଞାନରେ ନେଇ ଆସିଲେ ଆଉ କା' କୋଳରୁ ଛଡ଼ାଇ।

କନ୍ୟାପିତା ହେବା ଦୁଃଖଠୁ ବଳିପଡ଼ିଚି ହେବାରେ ବାବନାଭୂତ ପୁଅର ବାପ।

ଈଶ୍ୱରଙ୍କ ସୃଷ୍ଟିରେ ପ୍ରାକୃତିକ ନିୟମକୁ ପ୍ରତିରୋଧ କରି ତମେ ପାଇବ କଅଣ ? ଯିଏ ପ୍ରତିରୋଧ କରେ ସେ ପାଏ ପ୍ରତିଫଳ। ମୋତେ ମୋ' କୃତକର୍ମର ଫଳ ମିଳିଯାଇଚି।

ଭିତରେ ଭିତରେ ନିଜକୁ ବାରମ୍ବାର ଧିକ୍କାର କରୁଥିଲା ସତୀଶ। ଫିଟାଇ କହିପାରୁ ନ ଥିଲା କାହାକୁ ତା' ଜୋତାର କଣ୍ଟା ପାଦକୁ କାଟୁଚି କୋଉଠି। ଚୋର ମାଆ କାନ୍ଦେ ନାହିଁ, କାନ୍ଦିଲେ କବାଟ କିଳି କାନ୍ଦେ।

ସେଇ ଭୁଲ୍ କରିବାକୁ ଯାଉଚି ସୁଜିତ୍। ଯୋଉ ଭ୍ରୂଣ ସେ ହତ୍ୟା କରିବ, ତା' ଭିତରେ ଯେ କୋଉ ମହାତ୍ମା ଜନ୍ମ ନେବାକୁ ଥିବେ କିଏ କହିବ ?

ଆଜିକୁ ଚାରିଦିନ ହେଲା ଘରେ ଲାଗିଚି ପାଲା। ଚୁଲି ଜଳିନି। ଟଣାଟୁଣି, କଥା କଟାକଟି। ସୁଜିତ୍ ସେଥିପାଇଁ ଦୁଇଥର ହାତ ଉଠେଇଚି ସଞ୍ଜନା ଉପରେ। ସଞ୍ଜନା ବି ରୋକ୍‌ଠୋକ୍ ଶୁଣେଇ ଦେଇଚି– 'ଆବଶ୍ୟକ ପଡ଼ିଲେ ସେ ଆଇନର ଆଶ୍ରୟ ଲୋଡ଼ିବ।' ବାପଘର ଲୋକେ ତୁନି ରହିଛନ୍ତି– 'ପତି ପତ୍ନୀ କଳି ପାଣିର ଗାର। ଦି' ଦିନ ପରେ ଯେମିତିକୁ ସେମିତି।' ଆମେ ତହିଁରେ ମୁଣ୍ଡ ପୂରେଇବା ଠିକ୍ ନୁହଁ।

ସତୀଶ କହୁଛି– 'ତମେ ଝିଅକୁ ଏଠୁ ନେଇଯାଅ, ଯାହା ହବ ସେ କଥା ମୁଁ ବୁଝିବି।'

ସୁଜିତ୍‌ର ଏକାଜିଦ୍– 'ଆବରସନ୍ ନ କରି ବାପଘର ଯିବୁ ତ ସେଇଠି ରହିବୁ ସବୁଦିନ ପାଇଁ। ଆଉ ଆସିବାକୁ ମନ କରିବୁ ନାହିଁ।'

ବନ୍ଧୁବାନ୍ଧବଙ୍କ ମତ ବିଭ୍ରାନ୍ତ। କିଏ କହୁଚି– 'ହଁ', କିଏ କହୁଚି– 'ପୁଣି ଯଦି ଝିଅ ହେଲା ?' ଦ୍ୱନ୍ଦ୍ୱାକୁଳ ସ୍ଥିତିରେ ସତୀଶ ଉଚିତ ମଣିଛି– 'ଝିଅଟିକୁ ଆସିବାକୁ ଦିଅ। ସଂସାରର ଆଲୋକ ଦେଖାଅ। ତା'ଦେହରେ ପ୍ରକୃତିର ରଙ୍ଗ ଲାଗୁ। ପବନ ବାଜୁ। ତା' ପଛକୁ କିଏ ଆସୁ କି ନ ଆସୁ ତାକୁ ପୁଅ ପରି ପାଳ। ଆଜି ପୁଅ କିଏ ଝିଅ କିଏ ?'

ଶେଷ ନିଷ୍ପତ୍ତି ସଞ୍ଜନାର।

– "ଝିଅ ହୋଇ, ଝିଅଟିଏ ପାଇଁ କୋଉ ଆଶଙ୍କାରେ ମୁଁ ତା'ର ପ୍ରତିବାଦୀ ହେବି। ସଂସାରରୁ କ'ଣ ସ୍ନେହ, କରୁଣା, ମମତା ଓ ପ୍ରୀତି ପୋଛି ଦେବି ? କ'ଣ ପାଇଁ ମୁଁ ହେବି ତା'ର ଶତ୍ରୁ ? ଜନ୍ମ ନ ହେବା ଆଗରୁ କ'ଣ ପାଇଁ ମୁଁ ତାକୁ ଭାବିବି ସେ ମୋ' ପାଇଁ ଅଭିଶାପ ? ଚାଲ ବାପା ! ମୋ' ଭାଗ୍ୟ ମୋର। ମୁଁ ତାକୁ ଜନ୍ମ ଦେବି। ଏ ମୋର ପଣ। ମୁଁ ବି ତ କାହାର ଦିନେ ଝିଅ ଥିଲି। ଆଜି ମୁଁ ଆଉ ଗୋଟେ ଝିଅକୁ ଦେବି ତା'ର ବଞ୍ଚିବାର ଅଧିକାର। ଆଶ, ମୁଁ ମୋର ସବୁ ପ୍ୟାକ୍ କରି ଦେଇଛି। ଗାଡ଼ି ଡାକ।"

ସତୀଶ ଓ ସଞ୍ଜନାର ପରିବାର ନୀରବ ମୁଦ୍ରାରେ ଥାଇ ବି ହୋଇ ସାରିଥିଲେ ଏକମତ। ସୁଜିତ୍ ଚଢ଼ାଗଳାରେ ଶୁଣେଇ କହୁଥିଲା– 'ଦେଖ୍ ବୋଉ ! ପରିଣାମ ଭଲ ହବନି କହୁଚି। ତମେ ସବୁ ମୋ' ବିରୁଦ୍ଧରେ ନୀରବ ଷଡ଼ଯନ୍ତ୍ର କରୁଚ।'

ସତୀଶ ରାଗି ସାରିଥିଲା। ଭାବୁଥିଲା ଜୋର୍‌କରି କହିଦେବ– 'ସୁଜିତ୍ ତୁ ମୋର ଚତୁର୍ଥ ସନ୍ତାନ ନ ଥିଲୁ। ଥିଲା ସୁରଭି। ଗୋଟେ ଝିଅ।'

**– ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା**

---

# ଲାଡୋର ଘାଘରା

**ଅନୁବାଦ ଗଳ୍ପ**

**ହିନ୍ଦୀ: ନିଲୋଫର ସିଦ୍ଦିକୀ**

**ଅନୁସୃଜନ: ପ୍ରଫୁଲ୍ଲ କୁମାର ସୂତାର**

ଶାହିସ୍ତା ସକାଳୁ ସକାଳୁ ସୋହେଲକୁ କହିଲା, "ଶୁଣ, ଆଜି ସମୟ କରି ତମ ପାଇଁ ଗୋଟିଏ ନୂଆ ପାଇଜାମା କିଣିଆଣିବ। ରଫୁ ମାରିମାରି ଆଉ ହେଉନି। ସୂତା କଟିଯାଉଛି, ବୁଝିଲ। ମନେରହିଲା ତ !"

ସୋହେଲ ବଡ଼ପାଟିରେ କହିଲା, "ବେଗମ୍‌ର ଆଦେଶ ଶିରୋଧାର୍ଯ୍ୟ। ତମ କଥାକୁ କ'ଣ ଅବଜ୍ଞା କରିହେବ ! ଆଜି ପୁଣି ହାଟପାଳି। ଯିବାକୁ ତ ହେବ, କିଣି ଆଣିବି।"

ପ୍ରତି ଗୁରୁବାର ଦିନ ସହରର ଛକଜାଗା 'ଅଜାଆଇ' ପାର୍କ ପାଖ ସଡ଼କରେ ହାଟ ବସେ। ସୋହେଲ ଶୀଘ୍ରଶୀଘ୍ର ନିଜ କାମ ଶେଷକରି ହାଟକୁ ବାହାରିଗଲା। ରାସ୍ତାରେ ହିସାବ କରିକରି ଚାଲିଥାଏ। ଦୁଇଥର 'ଇଦ୍' ଗଲାଣି। ସେ ନୂଆ ପାଇଜାମା କିଣି ପାରି ନାହିଁ। ଏଥର ମାସିକିଆ ଖର୍ଚ୍ଚ ପରେ ପଚିଶ ଟଙ୍କା ବଳିଛି। ଏଥିରେ ଖଣ୍ଡେ ପାଇଜାମା ହେଇଯିବ।

ପୂରା ବାର କିଲୋମିଟର ଚାଲିବା ପରେ ସେ ହାଟରେ ପହଞ୍ଚିଲା। ସନ୍ଧ୍ୟା ଅତିକ୍ରାନ୍ତ ହୋଇ ସାରିଥିଲା। ହାଟସାରା ଟ୍ୟୁବ୍‌ଲାଇଟ୍‌ର ଆଲୋକ ଝଲମଲ କରୁଥାଏ।

ସୋହେଲ ନିଜ ପଇସାକୁ ଚାହିଁ ଛୋଟକାଟିଆ ଗୋଟେ ଦୋକାନକୁ ପଶିଗଲା ଏବଂ ଚାରିଆଡ଼କୁ ଆଖି ପକେଇଲା। ହଠାତ୍ ତା'ର ଆଖିରେ ପଡ଼ିଲା ଗୋଟିଏ ଥାକରେ ଲାଲ୍, ନୀଳ, ସବୁଜ, ହଳଦିଆ ଆଦି ବିଭିନ୍ନ ରଙ୍ଗର ଘାଘରା ସବୁ ସଜା ହୋଇ ରହିଛି।

ଦୋକାନୀ ସୋହେଲକୁ କେତେକ ପାଇଜାମା ଦେଖେଇଲା। ସେ ସେଥିରୁ ଗୋଟିଏ ପସନ୍ଦ କରି ମୂଲଚାଲ ଆରମ୍ଭ କରିଦେଲା। ଶେଷରେ କୋଡ଼ିଏ ଟଙ୍କାରେ କଥା ଛିଣ୍ଡିଲା।



ସୋହେଲ ପଚାରିଲା– "ଭାଇ ! ଏ ରଙ୍ଗରଙ୍ଗିଆ ପିଲାଙ୍କ ଘାଘରାର ଦାମ୍ କେତେ ?" ଦୋକାନୀ କହିଲା– "ତିନିଟି ଘାଘରାକୁ ପଚିଶ ଟଙ୍କା। ଏଥିରେ ମୂଲଚାଲ ହୋଇପାରିବ ନାହିଁ।"

ସୋହେଲ ପକେଟ୍‌ରୁ ପଇସା କାଢ଼ି ଦୋକାନୀକୁ ଦେଇ ତିନିଟି ଘାଘରା କିଣିଲା। ବାର କିଲୋମିଟର ଚାଲିଚାଲି ଘରେ ପହଞ୍ଚିବା ବେଳକୁ ବହୁତ ରାତି ହୋଇ ଯାଇଥିଲା।

କବାଟ ଠକ୍‌ଠକ୍ କରିବାମାତ୍ରେ ଶାହିସ୍ତା ସଙ୍ଗେସଙ୍ଗେ କବାଟ ଖୋଲିଦେଲା। ଜଣାଯାଉଥିଲା, ସେ ଯେପରି କବାଟ ପାଖରେ ଠିଆ ହୋଇ ସୋହେଲକୁ ଅପେକ୍ଷା କରିଥିଲା।

ସୋହେଲ କହିଲା– "ଆମ 'ଲାଡୋ' କ'ଣ ଶୋଇଗଲାଣି ?" ଶାହିସ୍ତା ଉତ୍ତର ଦେଲା– "ସେ ତ କେତେବେଳୁ ଶୋଇଗଲାଣି। ମୁଁ ତ ତମର ନୂଆ ପାଇଜାମା ପାଇଁ ଅପେକ୍ଷା କରିଥିଲି।"

ସୋହେଲ ହସିହସି କହିଲା– "ବେଗମ୍, ତମ ଅପେକ୍ଷା ଆହୁରି ଲମ୍ବା ହୋଇଗଲା। କିଛିଦିନ ଅପେକ୍ଷା କରିବାକୁ ପଡ଼ିବ।"

ଶାହିସ୍ତା ଲୁଗା ପ୍ୟାକେଟ୍ ଖୋଲିଲା। ସେଥିରୁ ବାହାରିଲା ହଳଦୀ ରଙ୍ଗର ତିନିଟି ସୁନ୍ଦର ଘାଘରା। ସେ ସୋହେଲକୁ ଚାହିଁଲା। ପଚାରିଲା– "ସତରେ ତମେ ପାଇଜାମା ଆଣିନାହଁ ?"

ଆରେ ବେଗମ୍, ତମେ ବୁଝୁନା କାହିଁକି? ପାଇଜାମା ପସନ୍ଦ କରି ମୂଲଚାଲ କରି ଦର ଛିଣ୍ଡେଇ ସାରିଥିଲି, ହେଲେ ଏ ସୁନ୍ଦର ଘାଘରାଗୁଡ଼ିକ ଦେଖି କିଣି ପକେଇଲି। ହଉ, ଦେଖିବା ଆର ପାଳିକି...।

ଶାହିସ୍ତା ଜାଣେ ସୋହେଲ ପାଖରେ ଏବେ ଆଉ ପଇସା ନ ଥିବ, କିଣିବା କଥା ମିଛ। ସେ କିଛି ନ କହି ଖାଇବା ବାଢ଼ିବାକୁ ଉଚିତ ମନେକଲା।

ଖାଇବା ବାଢ଼ିଦେଇ ସେ ସିଲେଇ ମେଶିନ୍‌ରେ ତେଲ ଦେଲା। କଳାସୂତା କାଢ଼ିଲା ଏବଂ ପୁରୁଣା ପାଇଜାମାରେ ରଫୁ ମାରିବାକୁ ଲାଗିଲା।

ସୋହେଲ ଖାଉଖାଉ ମୁରୁକି ହସି କହିଲା– "ଆମ ଲାଡୋ ଦେହକୁ ହଳଦିଆ ଘାଘରା ଖୁବ୍ ସୁନ୍ଦର ଦେଖାଯିବ ନା ଶାହିସ୍ତା...।"

ଶାହିସ୍ତା ଦାନ୍ତରେ ସୂତା ଛିଣ୍ଡାଉ ଛିଣ୍ଡାଉ କହିଲା– "ନିଅ, ତମ ପାଇଜାମା ଆଉ ଥରେ ତିଆରି ହୋଇଗଲା।"

**– ରାଜନଗର, କେନ୍ଦ୍ରାପଡ଼ା**




# ମିଛି ମିଛିକା ଜହ୍ନରାତି

•ସରସ୍ୱତୀ ବେହେରା



ସରସ୍ୱତୀ ବେହେରାଙ୍କ ଜନ୍ମ ୧୯୫୬ ମସିହାରେ, ଜଗତ୍‌ସିଂହପୁର ଜିଲାର ବିଶ୍ୱାଳୀ ଗାଁରେ। କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ତାଙ୍କ ଶାଶୁଘର ଏବଂ କର୍ମଭୂମି। 'କଳା ପତାକା', 'କାଗଜ ଡଙ୍ଗାରେ କାରୁବାକୀ', 'ପ୍ରଥମ ପାପ', 'ମାଟିଘରେ ବର୍ଷାଋତୁ', 'ଫାର୍ମ ହାଉସ୍‌ରେ ଦିନେ', 'ନିରିମାଖି ମାଟି-ନିରୁଦ୍ଦିଷ୍ଟ ମୌସୁମୀ', 'ପୂର୍ବାଶାରେ ଉଦୟ ଉତ୍ସବ' ଆଦି ଗଳ୍ପ ସଂକଳନ ; 'କୁଆଁରୀ ମାଟିର କାବ୍ୟ' କବିତା ସଂକଳନ ଏବଂ 'ଭଲଲାଗେ ଭେଟିବାକୁ ମଧ୍ୟାହ୍ନର ସୂର୍ଯ୍ୟ' ଲଳିତ ନିବନ୍ଧ ପ୍ରକାଶିତ। ଗଳ୍ପ ଗଢ଼ଣରେ ସେ ଯେତିକି ଧୁରୀଣା, ଚରିତ୍ର ଚିତ୍ରଣରେ ସେତିକି ପଟୁ। ମାଟିମନସ୍କତା ଓ ମାନବିକ ମୂଲ୍ୟବୋଧ ତାଙ୍କ ଗଳ୍ପର ବୈଶିଷ୍ଟ୍ୟ। ଏଥରର 'ସ୍ମରଣୀୟ'ରେ ପଢ଼ନ୍ତୁ ସରସ୍ୱତୀଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ମିଛି ମିଛିକା ଜହ୍ନରାତି'...

**ଫୋ**ନ୍‌ରେ ମୋ' ସଙ୍ଗାତର କଣ୍ଠସ୍ୱର ମୋତେ ତିରିଶ ବର୍ଷ ପଛକୁ ଟାଣିନେଲା, ଏକ ଗଭୀର ଆବେଶରେ ମୁଁ ଆତ୍ମହରା ହୋଇ ପଡୁଥିଲି। ଆଖି ସାମ୍ନାରେ ସ୍କୁଲ ଡ୍ରେସ୍‌ପିନ୍ଧା ଲମ୍ବଲମ୍ବ ଯୋଡ଼ି ବେଣୀର ଡଉଲଡାଉଲ ଚେହେରାର କିଶୋରୀଟି ନାଚି ଉଠିଲା। ସ୍କୁଲ୍ ଛାଡ଼ିବା ଦିନଠୁଁ ଦେଖା ହୋଇ ନ ଥିଲା। ଏବେ ସେ କେମିତି ଦିଶୁଥିବ ? ମୋ' ଭଳି ଅଧା ବୁଢ଼ୀ, ପାଚିଲା ଚୁଳି, ମୋଟୀ ନା ପତଳୀ। ଉହୁଁ କହି ହେବନି,... ଅନେକ ଯୁବକ ତ ସେତେବେଳେ ତା' ପଛରେ ଲାଇନ୍ ମାରୁଥିଲେ।

ଏ ବର୍ଷ ଆମ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେବାକୁ ଯାଉଛି, ଆସନ୍ତା କାଲି ପ୍ରାକ୍ ପ୍ରସ୍ତୁତି ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କର ସମାବେଶ। ପୁଅ ସାଙ୍ଗମାନଙ୍କର ବାରମ୍ବାର ତାଗିଦ୍, ଯେମିତି ହେଉ ସଙ୍ଗାତ ଶୋଭନାକୁ ସାଥିରେ ନେଇ ଯିବାକୁ ହେବ। ସେ ଏଇ ଭୁବନେଶ୍ୱରର ରେଣ୍ଟାଲ୍ କଲୋନୀରେ ରହୁଛି, ତା' ବୋହୂ ପାଖରେ। ଅବଶ୍ୟ ମନେମନେ ଭାବୁଥିଲି ଏତେ ଝିଅ ସାଙ୍ଗମାନେ ଥାଉଥାଉ ଶୋଭନାର ଉପସ୍ଥିତି ପାଇଁ ଏ ପୁଅ ସାଙ୍ଗମାନେ କାହିଁକି ଏତେ ପାଗଳ ?

କଥାରେ କଥାରେ ଏକଥା ମଧ୍ୟ ଜଣେଇ ଦେଲି ତାକୁ। ସେ ହସିହସିକା ଉଡ଼େଇଲା ଭଳି କହିଲା, ''ହଁ ସାଙ୍ଗ ନା ଆଉ କିଛି...। ଯେଉଁଠି କଥାହେବା ଦୂରେ ଥାଉ ପଛ ସିଟ୍‌କୁ ଅନେଇବା ମନା। ଦେଢ଼ଶୁର ଭାଇବୋହୂର ସଂପର୍କଠୁଁ ବି ଅଧିକ। ସେଠି ପୁଣି ସାଙ୍ଗ ପିଲା, ସତରେ ସଙ୍ଗାତ, ସେତେବେଳେ ଆମକୁ ଏତେ ଲାଜ ଶିଖେଇଲା କିଏ ? ମାତ୍ର ଏକଥା ସତ ଯେ, ଆମ ବ୍ୟାଚ୍‌ର ପୁଅମାନେ ଖୁବ୍ ଶାନ୍ତ ଆଉ ସରଳ, ଭଲ ବି ପଢୁଥିଲେ। ସେଇଥିପାଇଁ ବଡ଼ବଡ଼ ପୋଷ୍ଟରେ ଅଛନ୍ତି। ହଉ ତୁ କାଲି ଯିବୁନା ? ମୁଁ ଶୁଣିବାକୁ ପାଇଲି ଯେ ତୁ ବି ଗୋଟେ କ'ଣ ବଡ଼ ଅଫିସର ହୋଇଛୁ। ମୁଁ ତ ମାଟ୍ରିକ୍ ପରେପରେ ବାହା ହେଇଗଲି। ଏବେ କୋଉଠି ? ତୋ' ମିଷ୍ଟର କ'ଣ କରନ୍ତି ? ପିଲାମାନେ କ'ଣ କରନ୍ତି ? ବାହାସାହା ହେଲେଣି ନା ନାହିଁ ?'' ମୁଁ ଏଥର ଦାବିଲା କଣ୍ଠରେ କହିଲି, ''ଟିକେ ରହିଯା, ରହିଯା, ଏକାବେଳକେ ଏତେ ପ୍ରଶ୍ନ ? ମୁଁ ଏବେ ମାନେ ଆଜି ରାତିରେ ଏଇ ଭୁବନେଶ୍ୱରରେ...। ତୋ' ରହଣି ସ୍ଥାନର ଠିକଣା ବତା, ଗାଡ଼ି ତ ନାହିଁ, ଦରକାର ପଡ଼ିଲେ ଟ୍ୟାକ୍ସିରେ ଯିବା...।'' ସେପଟୁ ସେ ଚଟାପଟ୍ ଉତ୍ତର ଦେଲା, ''ତୁ ପରା ଗୋଟେ ଅଫିସର୍, ତୋ'ର ଗାଡ଼ି ନାହିଁ ?''

– ସବୁ ଅଫିସରଙ୍କ ଗାଡ଼ି ନ ଥାଏ, ଯେମିତି ମୋ'ର ନାହିଁ। ଅଫିସ ଗାଡ଼ି କେବଳ ଅଫିସ୍ ପାଇଁ...। ମୁଁ କହିଲି।

– ବାବାରେ...। ତୁ କୋଉ ଗୋପବନ୍ଧୁ ଯୁଗର କଥା ଶୁଣୋଉଛୁ ମୋତେ ଯେ, ମୋ'ର ଗାଡ଼ି ଅଛି ଯେ, ହେଲେ ଯିବା ନ ଯିବା କଥା କହିପାରୁନୁ ଠିକ୍‌ସେ, ଏମିତିରେ ତ ଡ୍ରାଇଭର୍ ନାହିଁ।

– ନାଇଁ ନାଇଁ, ସେ କଥା ଶୁଣାଯିବନି, ଯେମିତି ହେଉ...ମୋ' କଥାକୁ ସେ ପୂରା କରିବାକୁ ନ ଦେଇ କହିଲା– ''ତୁ ଆଗ କହ ତୋ' ପତିଦେବ ଏବେ କୋଉଠି ? ଚାକିରିରେ ଅଛନ୍ତି ନା ଅବସର ନେଲେଣି। କି ଚାକିରି ?''

– ସେ ମୋ' ପାଖରେ। ମୁଁ ତାଙ୍କ ପାଖରେ। ଯୋଡ଼ିଯାଉଁଳି ଜୀବନକୁ ବେଶ୍ ଉପଭୋଗ କରୁଛୁ।

– ବାଃ ! ବଢ଼ିଆ ! କ'ଣ କରନ୍ତି ସେ ?

– କିଛି ନାଇଁ।

– ମାନେ ?

– ବାରବୁଲା !

– ବା–ର–ବୁଲା !

– ଉହୁଁ ଏବେ ନୁହେଁ। ଯା ପୂର୍ବରୁ। ଆରେ ଭ୍ରମଣ, ବୁଲାବୁଲି କରି ସେଇ ଅଗଣା।

> ''ନାଇଁ ନାଇଁ, ସମସ୍ତେ ଓଡ଼ିଶାରେ।
> ପ୍ରଥମେ ମାଟିକୁ ଚିହ୍ନନ୍ତୁ, ମା'ଙ୍କୁ ଦେଖନ୍ତୁ।
> ପରେ ଆଉ ଯାହା।
> - କାଇଁ ତୋ' ପିଲାମାନେ କ'ଣ ବାହାରେ କି?''

– ତୋତେ ଆଉ କଥାରେ ପାରିହବନି, ଆଗରୁ ଗପ ଲେଖୁଥିଲୁ ତ...ଏବେ ସେମିତି ଲେଖାଲେଖି କରୁଛୁ ନା ନାହିଁ ?

– ହଁ, ସେମିତି କିଛିକିଛି, ତୋ'ପାଇଁ ଗଲାବେଳେ କିଛି ବହି ନେଇଯିବି ଯେ।

– ମୋତେ ପଢ଼ିବାକୁ ସମୟ କାହିଁ ? ହଉ, ଆଣ୍ ଦେଖିବା। ଏବେ କହ ତୋର ସେଇ ବାରବୁଲା...।

– ବାରବୁଲା ମାନେ ବାରବୁଲା, ଆଜି ଏଠି ତ କାଲି ସେଠି, ହେଇ ଅଛି, ହେଇ ନାହିଁ...।

– ଉହୁଁ, କିଛି ବୁଝିହେଲାନି...।

– ହଉ ସେତିକିରେ ଥାଃ ବେଶି ବୁଝିଲେ ମୁଣ୍ଡ ଖରାପ ହେବ..., ଆଉ ତୋ' ପିଲାମାନେ ?

– ଉଡ଼ାଚଢ଼େଇ, ଡେଣାରେ ପର ଲାଗିଲା, ଉଡ଼ିଗଲେ...।

– ଯାହାହେଲେ ବି, ପିଲା ମା' ପାଖରେ ସବୁଦିନେ ପିଲା, ଯେତେ ଦୂରରେ ଥିଲେ ବି ଯେତେ ଉପରକୁ ଉଠିଲେ ବି ମା' ମନ ବୁଝେନି...।

– ହଁ ଯେ, ହେଲେ ବରଗଛ ଛାଇରେ ଚାକୁଣ୍ଡା ଉଧାଏନି..., ନିଜ ଇଚ୍ଛାରେ ବଞ୍ଚନ୍ତୁ ସେମାନେ।

– ତୋ' ପିଲାମାନେ ଏବେ ଓଡ଼ିଶାରେ ନା ଓଡ଼ିଶା ବାହାରେ ?

– ନାଇଁ ନାଇଁ, ସମସ୍ତେ ଓଡ଼ିଶାରେ, ପ୍ରଥମେ ମାଟିକୁ ଚିହ୍ନନ୍ତୁ, ମା'କୁ ଦେଖନ୍ତୁ ପରେ ଆଉ ଯାହା...। କାଇଁ ତୋ' ପିଲାମାନେ କ'ଣ ବାହାରେ କି ?

– ହଁ, ପୁଅ ଝିଅ ସବୁ ଆମେରିକାରେ। ମୋ' ମିଷ୍ଟର ବି ଅବସର ନେଲା ପରେ ଝିଅ ପାଖରେ ନାତି ଖେଳଉଛନ୍ତି। ମୋ' ବୋହୂ କିନ୍ତୁ ଏଇ ଭୁବନେଶ୍ୱରରେ ଇଞ୍ଜିନିୟର ଅଛି, ବକଟେ ବୋଲି ନାତୁଣୀ। ତା'ରି ଯତ୍ନରେ ବେଳ କଟୁଛି, ଖାଇବା, ଶୋଇବା ମୋ'ରି ପାଖରେ, ମା'ର ପାଖ ମାଡ଼େନି...।

ମନେମନେ ବିରକ୍ତ ହେଲି, ଓ... ତା'ହେଲେ ସଙ୍ଗାତ ମୋର ତା' ପିଲାଙ୍କ ବିଷୟରେ ଜଣାଇ ଦେବା ପାଇଁ ଏତେ କଥା ପଚାରୁଥିଲା... ମନକଥା ମନରେ ରଖି ଶେଷକୁ କହିଲି, ''ହଉ କାଲି ଦେଖାହେଲେ ବାକି କଥା। ନିଶ୍ଚୟ ଯିବୁ। ଆସନ୍ତାକାଲି ରବିବାର, ବୋହୂର ଛୁଟି। ତା' ଝିଅକୁ ସେ ଦିନକ ପାଇଁ ଦେଖୁ...।''

– ସକାଳୁ ସକାଳୁ ଗାଡ଼ି ଭଡ଼ା କରି ବାହାରି ପଡ଼ିଲି ତା' ଠିକଣା ସ୍ଥାନକୁ..., ବଡ଼ ଗେଟ୍, ବିରାଟ ତାଲା, ଗେଟ୍‌ଠୁଁ ତା' ଆପାର୍ଟମେଣ୍ଟଟା ଟିକିଏ ଦୂରରେ। ଅଗତ୍ୟା ଗାଡ଼ିଟା ବାହାରେ ରଖି ଗଳିଗେଟ୍ ଦେଇ ଭିତରେ ପଶିଲି..., ତିନି ମହଲାର ତିନି ନମ୍ବର ଫ୍ଲାଟ୍ ପାଖରେ ଅଟକି ଗଲି, କଲିଂ ବେଲ୍‌ର ବଟନ୍ ଟିପିବା ଆଗରୁ ଭିତରପଟୁ ନାରୀକଣ୍ଠର କଠୋର ଶବ୍ଦଗୁଡ଼ା ମୋ' ହାତକୁ ଖସେଇ ଦେଲା ତଳକୁ।

– ''ଶୁଣ ! ଶୁଣ ! ତମ ମା'ଙ୍କ ପାଖରେ ମୁଁ ଆଉ ମୁହୂର୍ତ୍ତେ ମାତ୍ର ଚଳିପାରିବିନି, ଚାକିରି ଛାଡ଼ି ଆମେରିକା ପଳେଇବି, ମା' ରାଣୀଙ୍କର ଏବେ ପିଲାଦିନର ପ୍ରେମ ଉଛୁଳି ପଡୁଛି। ବୃଦ୍ଧାକାଳେ ବାଲ୍ୟଲୀଳା' କ'ଣ ନା ସ୍କୁଲ୍ ବେଳର ପଢ଼ାସାଥୀଙ୍କୁ ନେଇ ଗେଟ୍ ଟୁଗେଦର୍...। ବାଃ। ସପ୍ତାହରେ ମାତ୍ର ଗୋଟିଏ ଦିନ, ମୁଁ ମୋ' ପିଲା କଥା ବୁଝିବି। ଆଉ ସେ ଯାଇ ଫୂର୍ତ୍ତି ମାରିବେ ଏ ବୟସରେ। ସେଇ ଗୁଣ ପାଇଁ ତ ସ୍ୱାମୀଛଡ଼ା ହୋଇ ଏଇଠି ପଡ଼ିଛନ୍ତି...।''

– ''ହେ ! ମା' ତତେ ନେହୁରା ହଉଛି, ମୁଁ ନ ଗଲି ନାହିଁ, ଏ କଥାଗୁଡ଼ାକୁ ଆଉ ତୁଣ୍ଡରେ ଧରନା...। ମୋ' ପୁଅଟାକୁ ବ୍ୟସ୍ତ କରନା। ବିଚରା ଏକୁଟିଆ ରହୁଛି, କ'ଣ ଖାଉଛି, କ'ଣ ନାହିଁ, ତେଣେ ଚାକିରି ଚିନ୍ତା...'' ଆଉ ଜଣେ ନାରୀର କଣ୍ଠସ୍ୱର..., ବୋଧହୁଏ ସଙ୍ଗାତ ଶୋଭନାର।

ପୁଣି ଏଥର ବୋହୂ ଆରମ୍ଭ କରିଦେଲା, ''ଆହା ଲୋ କି ପୁତ୍ରସ୍ନେହ ଉଛୁଳି ପଡୁଛି। ତୁମେ ଯାଅ ନ ଯାଅ ! ତମ ସହିତ ମୋର କଥା ହେବାକୁ ବି ଇଚ୍ଛା ନାହିଁ... ଧର ଫୋନ୍ ଧର, ତମ ପୁଅ ସାଙ୍ଗରେ କଥା ହୁଅ...।'' ଭିତରେ ଦୁମ୍‌ଦାମ୍ କଚଡ଼ା ଶବ୍ଦ। ଝାଇଁଝାଇଁ ରଣଝଣ୍ ଶବ୍ଦ। ପରେପରେ ଝଡ଼ ପରର ନୀରବତା...। କିଛି ସମୟ ପରେ କରୁଣ କାନ୍ଦୁରା ସ୍ୱର..., ''ମୁଁ ନ ମରି କାହିଁକି ବଞ୍ଚିଛି କେଜାଣି...? ମନ ବୋଲି ମୋର କିଛି ନାହିଁ...। ଶାଶୁ ଶ୍ୱଶୁର ତ ନ ଥିଲେ, ଏକାଏକା ପିଲା ଦୁଇଟାଙ୍କୁ କୋଳେଇ କାଖେଇ ମଣିଷ କରିଥିଲି...। ମୋ' ପିଲାଏ ଆମେରିକାରେ ଅଛନ୍ତି ବୋଲି ସାଙ୍ଗ ସୁଖରେ ବନ୍ଧୁବାନ୍ଧବରେ ଗର୍ବ କରୁଥିଲି...। ବାପ ତ ଚାକିରି ଜାଗାରେ ଦୂର ସ୍ଥାନରେ ରହୁଥିଲେ, ଭଗାରିମାନେ ସୁଖ ସହିପାରୁ ନଥିଲେ...।'' ପୁଣି କାନ୍ଦ, ଖାଲି କାନ୍ଦ ଆଉ କାନ୍ଦ..., ଆଉ କଲିଂ ବେଲ୍ ଟିପିବାକୁ ସାହସ ହେଲାନି, ଓହ୍ଲେଇ ଆସିଲି ତଳକୁ। ଗାଡ଼ିରେ ବସି ଭାବୁଥିଲି, ଏବେ ସାଙ୍ଗମାନଙ୍କୁ କି ଉତ୍ତର ଦେବି...?

**– ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**



# ସ୍ୱତନ୍ତ୍ର

•[illegible]

> ଗାଁ ନାଟକର ନାୟକ ସକାଳୁ ଆଉ କଳାକାର ବି ରହିଲାନି କେବଳ ମଦନା ହୋଇଗଲା। ଯାହା ସ୍ୱାଭାବିକ ଓ ତାହା ହିଁ ନୀଳମାଷ୍ଟ୍ରାଣୀର ଦୁର୍ଭାଗ୍ୟ। ତ ନୀଳମାଷ୍ଟ୍ରାଣୀର ଦୁର୍ଭାଗ୍ୟ ସ୍ୱାଭାବିକ। ଯେହେତୁ ଅର୍ଜୁନଙ୍କୁ ନ ହେଲେ ବି ସେ ଜଣେ ଭଲ କଳାକାରଙ୍କୁ ଭଲ ପାଇଥିଲା ରାତିରେ। ତ ସକାଳୁ ତା'ର ସ୍ୱପ୍ନ ତୁଟିଯିବା ଉଚିତ ଥିଲା। ହେଲେ ସେ ଦିନରେ ବି ସମାନ ସ୍ୱପ୍ନ ଦେଖିଲା ଓ ମଦନାକୁ ବିବାହ କଲା। ଯାହା ପରବର୍ତ୍ତୀ ଜୀବନ ପାଇଁ ଦୁଃଖର କାରଣ ହେଲା।

**ର**ଣଜିତ୍ ଫୋନ୍‌ରେ ପଚାରୁଥିଲା। କଲେଜ ସାଙ୍ଗମାନଙ୍କ କଥା। କେତେଜଣଙ୍କର ନାଁ କହି ତ କେତେଜଣଙ୍କର ରୂପ ବର୍ଣ୍ଣନା କରି। ବାର ତେର ବର୍ଷ ତଳର କଥା। ଗୋଟାଏ ଯୁଗ ବିତିଗଲାଣି ଯା ଭିତରେ। ମନୋଜର ପ୍ରାୟ କିଛି ମନେ ନ ଥିଲା। କେତେଜଣ ପୁଅ ସାଙ୍ଗଙ୍କ କଥା ଅବଶ୍ୟ କହିପାରିଲା। ଏଥର ସେପଟୁ ରଣଜିତ୍ ପଚାରିଲା, 'ଆଚ୍ଛା ସେ ଯେଉଁ ଶ୍ୟାମଳ ରଙ୍ଗ ଝିଅଟି, ଯାହାର କଥାକୁହା ଆଖି ?'

ଆରେ ଆମ ଅନର୍ସର ବେ !

ମନୋଜ ଏଥର ବିରକ୍ତ ହୋଇ କହିଲା– କେତେ ତ ଶ୍ୟାମଳୀ, କାଳୀ, ଗୋରୀ ଥିଲେ, କାହାର କଥାକୁହା ଆଖି ତ କାହାର ତିଳପୁଷ୍ପ ନାସା, କିଏ ତନୁପାତଳି ତନୁଶ୍ରୀ ତ କିଏ ଚର୍ବିବହୁଳ ଚର୍ଚ୍ଚିତା। କିଏ ମନେରଖିଛି ଏତେ ସବୁ କ୍ଲାସ୍‌ମେଟ୍‌ଙ୍କ କଥା ଯେ ତୁ ବଖାଣି ହେଉଛୁ।

– ଓହୋ। କ୍ଲାସ୍‌ମେଟ୍ ମନେ ନାହାନ୍ତି ? ତା'ହେଲେ ଲୁସ୍‌ନା ବି ମନେ ନ ଥିବ ?

ହଠାତ୍ ମନୋଜ ଚୁପ୍ ହୋଇଗଲା। କିଛି ଉତ୍ତର ଦେଇ ପାରିଲାନି। ଭାବିଲା– ରଣଜିତ୍‌ର ତା'ହେଲେ ମନେଅଛି ଲୁସ୍‌ନା କଥା।

ନିଜର ବ୍ୟକ୍ତିଗତ ଅଭାବଟିକୁ କେହି କ'ଣ କେବେ ଭୁଲିପାରେଯେ ମନୋଜ ଭୁଲିଯିବ। ସବୁବେଳେ ମନେ ପକାଏ, ମନେମନେ ଘୋଷୁଥାଏ। କାଳେ କେତେବେଳେ କେଉଁ ଦେବପୁରୁଷ ଉଭା ହୋଇଯିବେ ତା' ଆଗରେ ତ ଗୋଟିଏ ତଥାସ୍ତୁରେ ସାରା ସଂସାର ପାଇଯିବ ସେ। ଏମିତି ଗୋଟିଏ ଅବାସ୍ତବ ଇଚ୍ଛା ମନୋଜର ଏବେ ବି ଅଛି। ସେପଟୁ ରଣଜିତ୍ ପୁଣି ପଚାରିଲା। ହେଲୋ, ହେଲୋ...

– ହଁ କହୁନୁ।

– ତୁ କହ ଲୁସ୍‌ନା, ଲୁସ୍‌ନା ଦାସ ମନେ ଅଛି କି ନା ?

ମନୋଜ ଭାବୁଥିଲା– କହିଦେବ କି, ସେଇ ଗୋଟିଏ ନାଁ ତ ମନେଅଛି।

ମୁଖ୍ୟ ରାସ୍ତାରୁ କଲେଜ ଗେଟ୍ ଦେଇ ଯାଇଥିବା ରାସ୍ତାର ଡାହାଣ ପଟେ ଯେଉଁଠି ଗୋଟେ ବଡ଼ କୃଷ୍ଣଚୂଡ଼ା ଗଛ ଥିଲା, ତା' ପାଖାପାଖି କେତେ ବୁଦୁବୁଦିକିଆ ଫୁଲଗଛ ସବୁ ଥିଲେ ମଧ୍ୟ ସେହି କୃଷ୍ଣଚୂଡ଼ା ଗଛ ମୂଳେ ଲିଜର୍ ଟାଇମ୍‌ରେ କିଛି ଝିଅମାନଙ୍କ ସହ ସମୟ କଟାଉଥିବା ଝିଅଟି ହେଉଛି ଲୁସ୍‌ନା। ଲୁସ୍‌ନା ଦାସ।

ଲୁସ୍‌ନା ଅନ୍ୟ ଝିଅମାନଙ୍କଠାରୁ ସ୍ୱତନ୍ତ୍ର। କେବଳ ମନୋଜ ପାଇଁ ନୁହେଁ, ଅନ୍ୟ କେତେକଙ୍କ ପାଇଁ ମଧ୍ୟ। ହୁଏତ ଲିଙ୍ଗା ପତି ଆଖିରେ ସେ କୁଦନ୍ତୀ ବର୍ଗରେ ଯାଏ, ଯାହାକୁ ରାଜକନ୍ୟା ହେଲେ ମଧ୍ୟ ବିବାହ କରିବା କଥା ନୁହେଁ। ହେଲେ ତଳ ଧାଡ଼ିର ଆଗ ଦୁଇଟି ଦାନ୍ତର ଦୁଇପଟେ ଗୋଟିଏ ଗୋଟିଏ ଦାନ୍ତ ଟିକେ ପଛେଇ ଯାଇଛନ୍ତି ବୋଲି ତ ଲୁସ୍‌ନା ହସିଦେଲେ ଏତେ ସୁନ୍ଦର ଦିଶେ। ଏହା ମନୋଜର ମତ। କେଶବିନ୍ୟାସ ବି ସେତେ ଭଲ ନୁହେଁ ବୋଲି ମତଦିଏ ନିର। ନିରଞ୍ଜନ ବେହେରା। ତା' ମତରେ କେଶରାଶି କୁଆଡ଼େ କାରୁବାକୀ ପରି ନ ହେଲେ ମଧ୍ୟ ପଦ୍ମାବତୀଙ୍କ ପରି ହେବା କଥା। ଆଉ ସେହିପରି ଝିଅମାନଙ୍କୁ ଅସାମାନ୍ୟା ବୋଲି କୁହାଯାଏ। କିନ୍ତୁ ଲୁସ୍‌ନାର କେଶ ଖୁବ୍ ହେଲେ କାନ୍ଧ ପର୍ଯ୍ୟନ୍ତ, ତା'ଠୁ ଅଧିକ କେହି କେବେ ଦେଖି ନାହାନ୍ତି ଗତ ବର୍ଷେରୁ ଊର୍ଦ୍ଧ୍ୱ ହେଲାଣି। ମନୋଜ ଭାବେ ନିର ଉପରେ ଇତିହାସର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ପଡୁଛି। କୃଷ୍ଣ, କୃଷ୍ଣ ସ୍ୱାଇଁ ତ ପାଚେରି ଉପରେ ବସିଥିଲାବେଳେ ଲୁସ୍‌ନା ତା' ସାଙ୍ଗମାନଙ୍କ ସହ କୃଷ୍ଣଚୂଡ଼ା ଗଛମୂଳେ ମନୋଜ ବିଷୟରେ କ'ଣ ଗପୁଛି ତା'ର ବେତାର ରୂପାନ୍ତର ଏକକ ନାଟକ କ୍ରମରେ ପରିବେଷଣ କରେ। କୈଳାସ ଥିଲେ ଲୁସ୍‌ନାର କହୁଥିବା କଥା କୃଷ୍ଣଠାରୁ ଶୁଣି ନକଲ କରି କୁହେ। କୈଳାସ ସବୁ ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ୱର ମଧ୍ୟ ନକଲ କରିପାରେ। ଲିଜର୍ ପିରିୟଡ଼ରେ ଏମାନେ ଏକାଠି ଆଡ୍ଡାବାଜି କରନ୍ତି।

ଭାନୁ ଦିନେ ଆସି ମନୋଜକୁ କହିଲା– ଆବେ ତୁ ଏତେ ଦିନ ହେଲା ପଦେ କଥା ହୋଇପାରିଲୁନି, ହେଲେ ମୁଁ ଆଜି କଥା ହେଲି ଲୁସ୍‌ନା ସାଥିରେ। ମନୋଜ ବସିଥିଲା କଲେଜ ବାରଣ୍ଡାରେ ସବୁଦିନ ପରି। ଟିକେ ହସିଲା। କହିଲାନି କିଛି– ''ହାଏ, ହ୍ୟାଲୋ କହିବାରେ କ'ଣ ଅସୁବିଧା ଅଛି ? କିନ୍ତୁ ଦୁନିଆର ସବୁଠୁ ଶକ୍ତିଶାଳୀ ବାକ୍ୟଟି କହିବାକୁ ପ୍ରଥମେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ ନା ନାହିଁ !''

ପାଠପଢ଼ାରେ ତ କଦାପି ସମ୍ଭବ ନୁହେଁ, ଦୌଡ଼କୁଦରେ ବି। ସମ୍ଭବ ହୋଇପାରେ ଡ୍ରାମାରେ। କିନ୍ତୁ ସେ କଲେଜ ଡ୍ରାମାରେ ଭାଗ ନିଏନାହିଁ। କାରଣ ଘଣ୍ଟିକିଆ ଡ୍ରାମା ତା'ର ପସନ୍ଦ ନୁହେଁ। ଗାଁରେ ସେ ନିଜେ ନାଟକ ଲେଖି ମୁଖ୍ୟ ଭୂମିକାରେ ଅଭିନୟ କରି ସଫଳ ହୋଇଛି। ସେସବୁ ନାଟକ ପାଖାପାଖି ଚାରି ଘଣ୍ଟା ମଞ୍ଚସ୍ଥ ହୁଏ, ଖୋଲା ପେଣ୍ଡାଲ୍‌ରେ ଅଭିନୟ କରିବାର ବି ଗୋଟେ ଅଲଗା ମଜା ଅଛି ତା' ମତରେ।

ସେ ବର୍ଷ ରଣଜିତ୍ କହିଲା, ଡ୍ରାମାରେ ତୋ' କମାଲ୍ ଦେଖାଇଲେ କଲେଜରେ ହିରୋ ହୋଇଯିବୁ। ହୁଏତ ଲୁସ୍‌ନା ଡ୍ରାମା ଦେଖିବାକୁ ଆସିବ, ନ ଆସିଲେ ଅନ୍ୟ ପିଲାଙ୍କଠାରୁ ତ ଜାଣିବ ଯେ ବେଷ୍ଟ୍‌ଆକ୍ଟର ହୋଇଛି ବୋଲି। କଲେଜ ଡ୍ରାମାରେ ବେଷ୍ଟ୍ ଆକ୍ଟର ହୋଇଯିବା ମନୋଜ ପକ୍ଷେ ସେମିତି କିଛି ଗୋଟେ ବଡ଼ ଚ୍ୟାଲେଞ୍ଜ୍ ନ ଥିଲା। ସେ ବର୍ଷ ମନୋଜ ରାଜି ହୋଇଥିଲା ଡ୍ରାମାରେ ଭାଗ ନେବାକୁ। କିନ୍ତୁ ସବୁ ଅନ୍ତରଙ୍ଗ ସାଙ୍ଗ, ଡ୍ରାମାରେ ଆଗ୍ରହ ରଖିଥିବା ଛାତ୍ରୀଛାତ୍ର ଓ କୋ–ଆର୍ଟିଷ୍ଟମାନଙ୍କୁ ଆଶ୍ଚର୍ଯ୍ୟ କରି ତାକୁ କାଟି ଦିଆଗଲା।

କଲେଜରେ ମୁଖ୍ୟତଃ ଦୁଇଟି ଗୋଷ୍ଠୀ ଥାଏ ଇଲେକ୍‌ଶନ୍ ସମୟରୁ। ମନୋଜ ଥିଲା ବିରୋଧୀ ଗୋଷ୍ଠୀର। ତ ଡ୍ରାମାଟିକ୍ ସୋସାଇଟି ଚାହୁଁ ନ ଥିଲା ମନୋଜକୁ ମୁଖ୍ୟ ଚରିତ୍ରରେ। ବିରୋଧୀ ଦଳ ଓ ମନୋଜର ଅନ୍ତରଙ୍ଗମାନେ ତା' ସମର୍ଥନରେ ଏକଜୁଟ ହେବାବେଳେ ମନୋଜ କହିଲା– ଆମ ଗାଁ ନାଟକରେ ସବୁଠାରୁ ଭଲ ଭୂମିକାଟି, ନାୟକ ହେଉ ବା ଖଳନାୟକ ମୋତେ ଦିଆଯାଏ। ଏଠି ମୋତେ କାଟି ଦିଆଗଲା ! ଅଭିନୟ କି ନାଚଗୀତରେ କିଏ ନିଜକୁ କୋଟିଏରେ ଗୋଟିଏ ଭାବୁ ମୋର ଆପତ୍ତି ନାହିଁ। ହେଲେ ମୁଁ କାହା କୋଟିଏ ଭିତରେ ନୁହେଁ। ମୁଁ ସ୍ୱତନ୍ତ୍ର। ଲିଙ୍ଗା କହିଲା– ଆବେ ଯା'ବେ ସବୁବେଳେ ଖାଲି ସ୍ୱତନ୍ତ୍ର ସ୍ୱତନ୍ତ୍ର ହେଉଥା'। ତୁ ସ୍ୱତନ୍ତ୍ର, ତୋ' ଲୁସ୍‌ନା ସ୍ୱତନ୍ତ୍ର ତ ସ୍ୱତନ୍ତ୍ର ରୁହ। ମନୋଜ କହିଲା– ଯିଏ ଡ୍ରାମାଟିକ୍ ସେକ୍ରେଟାରୀ, ପ୍ରୋଗ୍ରାମ୍ ଦାୟିତ୍ୱ ତା'ର। ପ୍ରୋଗ୍ରାମ୍ ଯେପରି ବିନା ବାଧାବିଘ୍ନରେ ହେବ, ସେଥିରେ କଲେଜର ସମସ୍ତ ଛାତ୍ରୀଛାତ୍ର ତାକୁ ସାହାଯ୍ୟ କରିବା କଥା। ରଣଜିତ୍ କହିଲା– ଏ ମତ ବି ତୋ'ର ସ୍ୱତନ୍ତ୍ର। କଲେଜର ଅନ୍ୟ କୌଣସି ଛାତ୍ର ଏମିତି ଗୋଟେ ମତ ଦେଇ ପାରିବେନି। ଇଡିଏଟ୍‌ଟା। ମନୋଜ ନୀରବ ରହିଲା। ସେ ପର୍ଯ୍ୟନ୍ତ ବି ମନୋଜ ଜାଣି ନ ଥିଲା ପୂର୍ବବର୍ଷ ଏହିପରି ଜଣେ ମୁଖ୍ୟ ଭୂମିକାରେ ରହି ଡ୍ରାମାଟିକ୍ ସେକ୍ରେଟାରୀକୁ ଡ୍ରାମା ସମୟରେ ଅନେକ ହଇରାଣ ହରକତ କରିଥିଲା। ଫଙ୍କଶନ୍ ଦିନ ଆସିବନି ବୋଲି ଧମକ ବି ଦେଇଥିଲା। ଯେତେବେଳେ କି ରୋଲ୍ ବଦଳାଇ ହେବନି। ତ ଏ ବର୍ଷ ମୂଳୁ ମାରିଲେ ଯିବ ସରି ଉପାୟ ଅବଲମ୍ବନ କରିଥିଲା ଡ୍ରାମାଟିକ୍ ସୋସାଇଟି।

କିଛିଦିନ ପରେ ଓଡ଼ିଆ କ୍ଲାସ୍‌ରେ ପ୍ରଫେସର କର ମନୋଜକୁ ଛିଡ଼ା କରାଇ ଗତ ପରୀକ୍ଷାରେ ନୀଳମାଷ୍ଟ୍ରାଣୀ ଚରିତ୍ର ବିଶ୍ଳେଷଣ ପ୍ରଶ୍ନର ମନୋଜ ଦେଇଥିବା ଉତ୍ତରରୁ କିଛି ଅଂଶ ପଢ଼ିଲେ। ଲେଖିଥିଲା– ଗାଁ ନାଟକରେ ଅର୍ଜୁନ ଚରିତ୍ରରେ ଅଭିନୟ କରୁଥିବା ମଦନାକୁ ଅର୍ଜୁନ କିମ୍ବା ଭଲ କଳାକାର ଭାବି ଭଲ ପାଇବାଟା ନୀଳମାଷ୍ଟ୍ରାଣୀର ଶତପ୍ରତିଶତ ଭୁଲ୍। ସୌଖୀନ୍ ନାଟକରେ ଅଭିନୟଟା କେବଳ ସୌଖୀନ୍, ଯଦି କୌଣସି ପେସାଦାର ଯାତ୍ରା ଦଳର ନାୟକଙ୍କ ଅଭିନୟ ଦେଖି ନୀଳମାଷ୍ଟ୍ରାଣୀ ତାଙ୍କ ପ୍ରେମରେ ପଡ଼ିଥା'ନ୍ତେ ଏବଂ ସେମାନେ ବିବାହ କରିଥା'ନ୍ତେ, ତେବେ ନୀଳମାଷ୍ଟ୍ରାଣୀର ଏପରି ଅବସ୍ଥା ହୋଇ ନଥା'ନ୍ତା। କାରଣ ସେଇଟା ବୃତ୍ତି। ହେଲେ ଗାଁ ନାଟକର ନାୟକ ସକାଳୁ ଆଉ କଳାକାର ବି ରହିଲାନି କେବଳ ମଦନା ହୋଇଗଲା। ଯାହା ସ୍ୱାଭାବିକ ଓ ତାହା ହିଁ ନୀଳମାଷ୍ଟ୍ରାଣୀର ଦୁର୍ଭାଗ୍ୟ। ତ ନୀଳମାଷ୍ଟ୍ରାଣୀର ଦୁର୍ଭାଗ୍ୟ ସ୍ୱାଭାବିକ। ଯେହେତୁ ଅର୍ଜୁନଙ୍କୁ ନ ହେଲେ ବି ସେ ଜଣେ ଭଲ କଳାକାରଙ୍କୁ ଭଲ ପାଇଥିଲା ରାତିରେ। ତ ସକାଳୁ ତା'ର ସ୍ୱପ୍ନ ତୁଟିଯିବା ଉଚିତ ଥିଲା। ହେଲେ ସେ ଦିନରେ ବି ସମାନ ସ୍ୱପ୍ନ ଦେଖିଲା ଓ ମଦନାକୁ ବିବାହ କଲା। ଯାହା ପରବର୍ତ୍ତୀ ଜୀବନ ପାଇଁ ଦୁଃଖର କାରଣ ହେଲା।

– ଏ ବିଶ୍ଳେଷଣଟି କ'ଣ ତୁମକୁ ପଣ୍ଡିତେ ସ୍ୱପ୍ନରେ ଆସି କହିଥିଲେ ? ପ୍ରେମ କ'ଣ ବୃତ୍ତିକୁ ଦେଖି କରାହୁଏ ?– ପ୍ରଫେସର କର ପଚାରିଲେ। କ୍ଲାସ୍ ସାରା ହସିଲେ।

ମନୋଜ କିନ୍ତୁ ସ୍ୱତନ୍ତ୍ର ବିଶ୍ଳେଷଣରେ ଲୀନ ଥିଲା।

– ଡ୍ରାମାରେ ରୋଲ୍ ନ ମିଳିଛି ଠିକ୍ ଅଛି, ହୁଏତ ଠକି ଯାଇଥା'ଆନ୍ତା ଲୁସ୍‌ନା, ନୀଳମାଷ୍ଟ୍ରାଣୀ ପରି।

ମନୋଜ ଚାହେଁ ସେ ଯେପରି, ସେପରି ନିରୁତା ଭାବେ ତାକୁ ନିଜର କରି ନେଉ ଲୁସ୍‌ନା। ତ ଦୁହେଁ ଭଲରେ ରୁହନ୍ତେ। ନିଶ୍ଚିତ। ହେଲେ ନିଜକୁ ଏକଦମ୍ ନିରୁତା ଭାବେ କେହି କ'ଣ କେବେ ଉପସ୍ଥାପିତ କରିପାରିଛି ପ୍ରେମିକା ଆଗରେଯେ ମନୋଜ କରିଥାନ୍ତା !

ସେ ସମୟର ସାଙ୍ଗ, ପରିଚିତ ଆଉ ପ୍ରାୟ କେହି ମନୋଜ ସହ ସମ୍ପର୍କରେ ନାହାନ୍ତି। ଯିଏ ବି ଅଛନ୍ତି, ସେମାନେ ଭୁଲିଗଲେଣି ଏତେସବୁ ଛୋଟଛୋଟ କଥା। କିନ୍ତୁ ମନୋଜ ଭୁଲି ପାରିନି। ରଣଜିତ୍ ମନେ ରଖିଛି, ତ ମନେମନେ ଧନ୍ୟବାଦ ଦେଲା ତାକୁ। ହେଲେ କହିଲା– ଲୁସ୍‌ନା ! ତୁ' କେମିତି ଜାଣିଲୁ ତାକୁ ? ମୋ' ଫେସ୍‌ବୁକ୍ ଫ୍ରେଣ୍ଡ୍। ମତେ ପଢ଼ିବାକୁ ଭଲ ପାଏ। ସବୁ ଗପ ମୋର ପଢ଼େ, ମତ ଦିଏ। ଚାର୍ଟ ବି କରେ। କେତେ ଲେଖକ ସାଙ୍ଗ ମୋର କହୁଛନ୍ତି ସେ କୁଆଡ଼େ ଗୋଟେ ଫେକ୍ ଆଇ.ଡି. ପୁଅଟେ। ପୁଅ ହେଉ କି ଝିଅ। ଲୁସ୍‌ନାଯେ ମୋତେ ପଢୁଛି, ତା'ଇ ମୋ' ପାଇଁ ଯଥେଷ୍ଟ।

ରଣଜିତ୍ ଆଶ୍ଚର୍ଯ୍ୟ ହେଲା ସେପଟୁ। ବାଆଁରେଉଛି ମନୋଜ।

ମନୋଜ କହୁଥିଲା– ଆରେ ମୁଁ ତ ନିଜେ ଫେକ୍ ଜୀବନ ଜିଉଛି। ସତ ମୋ'ଠାରୁ ବହୁ ଦୂରରେ। ଏମିତି ଏକ ଜୀବନକୁ ତୁ ଭାବିପାରୁ ସ୍ୱତନ୍ତ୍ର ବୋଲି ବି !

– ବ୍ରାହ୍ମଣସାଇଲୋ, କଟକ



# ଶବ୍ଦଙ୍କୁ ମୁଁ ଭଲ ପାଏ...

– ଫହମିଦା ରିୟାଜ୍

ପରାଧୀନ ଭାରତବର୍ଷରେ ଏକ ଶିକ୍ଷାବିତ୍ ପରିବାରରେ ଜନ୍ମିତା ଫହମିଦା ରିୟାଜ୍। ବୃତ୍ତିଗତ ବଦଳି ଯୋଗୁଁ ସିନ୍ଧର ହାଇଦ୍ରାବାଦ ସହରକୁ ବାପାଙ୍କର ବଦଳି ହୋଇଯିବା ପରେ ସେଠାରେ ସ୍ଥାୟୀ ଭାବେ ତାଙ୍କ ପରିବାରର ବସବାସ ଓ ସେଇଠି ତାଙ୍କର ଶିକ୍ଷାଦୀକ୍ଷା ତଥା ଲେଖିକା ଜୀବନର ଆରମ୍ଭ। ଫହମିଦା ପିଲାଟିବେଳୁ ସିନ୍ଧି ଓ ଉର୍ଦ୍ଦୁ ଭାଷା-ସାହିତ୍ୟରେ ପରିଚିତା ଥିଲେ ଏବଂ ପରେ ପାର୍ଶୀ ଭାଷା ଶିକ୍ଷା କରିଥିଲେ। ରେଡିଓ ପାକିସ୍ତାନର ବାର୍ତ୍ତା ବିଭାଗରେ ଚାକିରି ଜୀବନ ଆରମ୍ଭ କରିଥିବା ଏହି ଲେଖିକା ବିବାହ ପରେ ଲଣ୍ଡନ ଚାଲି ଯାଇଥିଲେ ଓ ବିବିସି ଉର୍ଦ୍ଦୁ ବିଭାଗରେ କାମ କରିଥିଲେ। ଝିଅଟିଏ ଜନ୍ମ ହେବା ପରେ ବିବାହ ବିଚ୍ଛେଦ ହେବାରୁ ସେ ପାକିସ୍ତାନ ଫେରି ଆସିଥିଲେ ଓ ବାମପନ୍ଥୀ ରାଜନୈତିକ କର୍ମୀ ଜଫର୍ ଅଲି ଉଜାନ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହି ବିବାହ ତାଙ୍କୁ ଦୁଇଟି ସନ୍ତାନର ମାଆ ହେବାର ଗୌରବ ଆଣି ଦେଇଥିଲା।

କରାଚିର ଏକ ବିଜ୍ଞାପନ ସଂସ୍ଥାରେ କିଛିଦିନ କାମ କରି ତହିଁରୁ ଅବ୍ୟାହତି ନେଇଥିଲେ ଓ ନିଜେ ଏକ ଉର୍ଦ୍ଦୁ ପତ୍ରିକା ପ୍ରକାଶ କରିଥିଲେ, ଯାହାର ନାଁ ଥିଲା 'ଆୱାଜ୍'। ଆୱାଜ୍ ପ୍ରକାଶନ ପରେ ତାଙ୍କ ଜୀବନ ଭିନ୍ନ ମୋଡ଼ ନେଇଥିଲା। 'ଆୱାଜ୍'ରେ ପ୍ରକାଶିତ ରାଜନୈତିକ ଲେଖା ଯୋଗୁଁ




ଜିଆ-ଉଲ୍-ହକ୍‌ଙ୍କ କୋପଦୃଷ୍ଟିର ଶିକାର ହୋଇଥିଲା ରିୟାଜ୍‌ଙ୍କ ପରିବାର। ସେ ଓ ତାଙ୍କ ସ୍ୱାମୀ ନାନା ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ। ବନ୍ଦ ହୋଇଯାଇଥିଲା 'ଆୱାଜ୍'ର ପ୍ରକାଶନ ଓ ସ୍ୱାମୀ ଜଫର୍‌ଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଜିଆଙ୍କ ଶାସନକାଳରେ ଫହମିଦାଙ୍କ ନାଁରେ ୧୦ରୁ ଅଧିକ ମକଦ୍ଦମା ରୁଜୁ ହୋଇଥିଲା, ଯହିଁରେ ଥିଲା ଦେଶଦ୍ରୋହର ଆରୋପ।

ସେ ଗିରଫ ହୋଇ ଜାମିନରେ ମୁକୁଳିଥିଲେ। ଭାରତରେ ଏକ ମୁସାୟାରାରେ ଯୋଗଦାନର ଆଳ ଦେଖାଇ ତୁରନ୍ତ ସେ ନିଜର ଦୁଇ ସନ୍ତାନ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଭାରତ ପଳାଇ ଆସିଥିଲେ। ଭାରତରେ ତାଙ୍କର ବନ୍ଧୁ ଥିଲେ ବିଶିଷ୍ଟ ପଞ୍ଜାବୀ ଲେଖିକା ଅମୃତା ପ୍ରୀତମ୍। ଅମୃତା ଇନ୍ଦିରା ଗାନ୍ଧୀଙ୍କୁ କହି ଭାରତରେ ତାଙ୍କ ରାଜନୈତିକ ଆଶ୍ରୟର ବ୍ୟବସ୍ଥା କରାଇ ଦେଇଥିଲେ। ଭାରତରେ




ନିର୍ବାସିତ ହୋଇ ୭ ବର୍ଷ ରହିବା ସମୟରେ ଦିଲ୍ଲୀର 'ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ'ରେ ଆବାସିକ କବି ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା। ଜିଆଙ୍କ ମୃତ୍ୟୁ ପରେ ରିୟାଜ୍ ପାକିସ୍ତାନ ଫେରିଥିଲେ।

ରିୟାଜ୍ ଜଣେ ଏପରି କବି ଥିଲେ, ଯାହାଙ୍କ ଲେଖନୀ ସମକାଳୀନ ସମାଜ ଓ ମଣିଷର ଦୁଃଖ ଦେଖି ନୀରବ ରହୁ ନ ଥିଲା। ଲେଖକର ସ୍ୱାଧୀନତା ଉପରେ ରାଷ୍ଟ୍ରୀୟ ଅଂକୁଶକୁ ସେ କଠୋର ଭାଷାରେ ନିନ୍ଦା କରୁଥିଲେ। କହୁଥିଲେ- "ଜଣେ ଲେଖକ ତା' ମତରେ ଅବିଚଳ ରହିବା ଉଚିତ, ସ୍ଥିତି ଯାହା ହେଉନା କାହିଁକି। କଳା ଓ ସାହିତ୍ୟ ଏକ ପବିତ୍ର କାର୍ଯ୍ୟ। ଏହାକୁ ଅପବିତ୍ର କରିବାର ଯେ କୌଣସି ଉଦ୍ୟମ ନିନ୍ଦନୀୟ।" ରିୟାଜ୍ ଥିଲେ ଜଣେ ପ୍ରତିବଦ୍ଧ ଲେଖିକା ଓ ଖୁବ୍ ଅଧ୍ୟୟନପ୍ରବଣା। ତାଙ୍କ ମତରେ-



> ଫହମିଦା ରିୟାଜ୍ ଭାରତଜନ୍ମିତ ପାକିସ୍ତାନୀ ପ୍ରଗତିଶୀଳ କବି ଓ ମାନବାଧିକାର କର୍ମୀ। ଜନ୍ମ ୨୮ ଜୁଲାଇ ୧୯୪୬ରେ ଉତ୍ତର ପ୍ରଦେଶର ମିରଟ୍‌ରେ। ସିନ୍ଧ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷାପ୍ରାପ୍ତ ରିୟାଜଙ୍କର ବିଶେଷ ପରିଚୟ ହେଲା, ସେ ପ୍ରସିଦ୍ଧ ପାର୍ଶୀ କବି ଜଲାଲୁଦ୍ଦିନ୍ ରୁମିଙ୍କର ପ୍ରଥମ ଉର୍ଦ୍ଦୁ ଅନୁବାଦିକା। ୧୫ରୁ ଊର୍ଦ୍ଧ୍ୱ ଉପନ୍ୟାସ ଓ କବିତା ପୁସ୍ତକର କିମ୍ବଦନ୍ତୀପ୍ରତିମ ଏହି ସ୍ରଷ୍ଟା ଉର୍ଦ୍ଦୁ ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ 'ଅଲ୍-ମୁଫ୍‌ତାହ' ପୁରସ୍କାର, ନ୍ୟୁୟର୍କର 'ହ୍ୟୁମାନ୍ ରାଇଟ୍‌ସ ୱାଚ୍' ପକ୍ଷରୁ ୧୯୯୭ରେ 'ହିମ୍ମେତ୍ ହେଲ୍ ମ୍ୟାନ୍ ପୁରସ୍କାର' ଓ ୨୦୧୦ରେ ସ୍ୱଦେଶର 'ସିତାରା-ଇ-ଇମ୍‌ତିଆଜ୍' ପୁରସ୍କାରରେ ସମ୍ମାନିତା। ଗତ ନଭେମ୍ବର ୨୨ରେ ୭୨ ବର୍ଷ ବୟସରେ ଏଇ ଲେଖିକାଙ୍କ ପରଲୋକ ହୋଇଛି।

"ଜଣେ ଲେଖକ ତା'ର ବକ୍ତବ୍ୟକୁ ସାବଲୀଳ କରିବା ପାଇଁ ପ୍ରଚୁର ପଢ଼ିବା ଆବଶ୍ୟକ। ମୁଁ ଉର୍ଦ୍ଦୁ-ହିନ୍ଦୀରୁ ଆରମ୍ଭ କରି ଇଂଲିଶ୍ ଅଭିଧାନ ପର୍ଯ୍ୟନ୍ତ ପଢ଼େ। ଯେପରି ପଢ଼ାଯାଏ କବିତା। ଶବ୍ଦଙ୍କୁ ମୁଁ ଭଲପାଏ।"

ନାରୀବାଦ ସମ୍ପର୍କରେ ନିଜର ମତ ରଖି ରିୟାଜ୍ କହିଥିଲେ- "ପୁରୁଷମାନଙ୍କ ପରି ନାରୀମାନେ ମଧ୍ୟ ପୂର୍ଣ୍ଣ ମଣିଷ, ଯାହାଙ୍କ ଭିତରେ ଅନନ୍ତ ସମ୍ଭାବନା ଲୁଚି ରହିଛି। ସାମାଜିକ ସମାନତା ସେମାନଙ୍କର ହକ୍। ବୈଷମ୍ୟ ନାରୀମାନଙ୍କ ପ୍ରତି ନିଷ୍ଠୁରତା ଓ ଅମାନବିକତା।"

ଫହମିଦାଙ୍କର ପ୍ରଥମ କବିତା ବହି ପ୍ରକାଶ ପାଇଲା ୧୯୬୭ରେ, ଯାହାର ଶୀର୍ଷକ ଥିଲା 'ପଥରକୀ ଜୁବାନ୍'। 'ବଦନ ଦରୀଦା', 'ଧୁପ୍', 'ପୁରା ଚାନ୍ଦ', 'ଆଦ୍‌ମୀ କୀ ଜିନ୍ଦଗୀ', 'ଅପନା ଜୁର୍ମ ସାବିତ୍ ହୈ' (ଜିଆଙ୍କ ଅପଶାସନ ପ୍ରତି ତୀବ୍ର ବ୍ୟଙ୍ଗ) ଆଦି ତାଙ୍କର ପ୍ରସିଦ୍ଧ କବିତା ବହି। ତାଙ୍କ ରଚିତ ଉପନ୍ୟାସ ମଧ୍ୟରେ ପ୍ରଖ୍ୟାତ 'ଜିନ୍ଦା ବହାର' (ବାଂଲାଦେଶ ପ୍ରେକ୍ଷାପଟରେ ରଚିତ), ଗୋଦାବରୀ (ଭାରତୀୟ ପ୍ରେକ୍ଷାପଟରେ ରଚିତ) ଓ 'ଫଟା ଦର୍ପଣରେ ପ୍ରତିବିମ୍ବ' (Reflections in a Cracked Mirror)। ଭାରତରେ ବୃଦ୍ଧି ପାଉଥିବା ଅସହିଷ୍ଣୁତାର ପୃଷ୍ଠଭୂମିରେ ନିଜର ଉଦ୍‌ବେଗ ବ୍ୟକ୍ତ କରି ରିୟାଜ୍ ୨୦୧୪ ମାର୍ଚ୍ଚ ୮ ତାରିଖରେ ପାକିସ୍ତାନରେ ଅନୁଷ୍ଠିତ 'ହମ୍ ଗୁନାହଗାର ଔରତେଁ' ଶୀର୍ଷକ ସେମିନାରରେ ଏକ କବିତା ପାଠ କରିଥିଲେ, ଯାହାର ଶିରୋନାମ ଥିଲା 'ତୁମ୍ ବିଲ୍‌କୁଲ୍ ହମ୍ ଜୈସେ ନିକ୍‌ଲେ'। କବିତାଟିରେ ସେ ଭାରତର କ୍ରମବର୍ଦ୍ଧମାନ 'ହିନ୍ଦୁତ୍ୱ'ର ହୁଙ୍କାର ସଙ୍ଗେ ଜିଆ-ଉଲ୍-ହକ୍‌ଙ୍କ ଶାସନକାଳରେ ପାକିସ୍ତାନରେ ବୃଦ୍ଧି ପାଇଥିବା ଇସ୍‌ଲାମୀୟ ମୌଳବାଦର ବିଭୀଷିକାକୁ ତୁଳନା କରିଥିଲେ। କବିତାଟି କେତେ ପ୍ରଭାବୀ ଥିଲା, ତାହା ନିମ୍ନୋକ୍ତ ଉଦ୍ଧୃତିରୁ ଅନୁମେୟ-

"ତୁମ୍ ବିଲ୍‌କୁଲ୍ ହମ୍ ଜୈସେ ନିକ୍‌ଲେ
ଅବ୍‌ତକ୍ କହାଁ ଛିପେ ଥେ ଭାଇ
ଓ ମୂର୍ଖତା, ଓ ଘମଣ୍ଡପନ୍
ଜିସ୍‌ମେ ହମ୍‌ନେ ସଦୀ ଗୱାଁଇ
ଆଖିର୍ ପହୁଁଚି ଦ୍ୱାର୍ ତୁହ୍ମାରେ
ଅରେ ବଧାଇ, ବହୁତ୍ ବଧାଇ।
x x x
ପ୍ରେତ ଧର୍ମ କା ନାଚ୍ ରହା ହୈ
କାୟମ୍ ହିନ୍ଦୁରାଜ୍ କରୋଗେ ?
ସାରେ ଉଲ୍‌ଟେ କାଜ୍ କରୋଗେ ?
ଅପ୍‌ନା ଚମନ୍ ତାରାଜ୍ କରୋଗେ ?
x x x
କୌନ୍ ହୈ ହିନ୍ଦୁ, କୌନ୍ ନହିଁ ହୈ
ତୁମ୍ ଭୀ କରୋଗେ ଫତୱା ଜାରି
ହୋଗା କଠିନ ୱହାଁ ଭି ଜୀନା
ଦାଁତୋ ଆ ଜାଏଗା ପସୀନା
ଜୈସୀ ତୈସୀ କଟା କରେଗୀ
ୱହାଁ ଭୀ ସବ୍ କୀ ସାଁସ୍ ଘୁଟେଗୀ।
ମାଥେ ପର ସିନ୍ଦୁର ରେଖା
କୁଛ୍ ଭି ନହିଁ ପଡ଼ୋଶ୍ ସେ ଶିଖା !"




କବିତାଟିରେ ରିଆଜ୍ ଭାରତକୁ ଯେଉଁ ବଧେଇ ଦେଇଛନ୍ତି, ତାହା ପ୍ରକୃତରେ ବଧେଇ ନୁହେଁ ଭର୍ତ୍ସନା। ଭାରତ ଭାରତ ହେଇ ନ ରହିବା, ପାକିସ୍ତାନ ଚାଲିଥିବା ରାସ୍ତାରେ ଚାଲିବା ଓ ଧୀରେଧୀରେ ପାକିସ୍ତାନ ପାଲଟି ଯାଉଥିବାର ଦେଖି ଭାରତକୁ ତାଙ୍କର ପ୍ରଶ୍ନ- "କୁଛ୍ ଭୀ ନହିଁ ପଡ଼ୋଶ୍ ସେ ଶିଖା !" ମାନବିକତାର ଅବକ୍ଷୟକୁ ନେଇ ଏପରି ଉଦାମ କବିତା ରଚନା ସତ୍ତ୍ୱେ ତାଙ୍କୁ ଯଦି କେହି 'ବିପ୍ଳବିନୀ' ବୋଲି ସମ୍ବୋଧନ କରୁଥିଲେ, ତେବେ ତା'ର ଉତ୍ତରରେ ସେ କହୁଥିଲେ- "ମୁଁ ନିଜକୁ କେବେ ବିପ୍ଳବିନୀ ଭାବେ ନାହିଁ। ପ୍ରତି ଲେଖକର ମିଜାଜ୍ ଅଲଗା। ନିଜର ସବୁଠୁଁ ଶକ୍ତିଶାଳୀ ଭାବନାକୁ ନେଇ ସେ ଲେଖେ। ସମୟ ଭିନ୍ନରେ, ଅବସ୍ଥା ଭିନ୍ନରେ ଲେଖା ବଦଳେ। ଏକଦା ମୁଁ ଭାବୁଥିଲି ଯେ ଧର୍ମ ହେଉଛି ମଣିଷର ଏକ ଉଦ୍ଭାବନ। କିନ୍ତୁ ଏବେ ଭାବୁଛି, ହୋଇପାରେ ବି ଏହା ଏକ ଆବିଷ୍କାର।"

ଫହମିଦାଙ୍କ ବ୍ୟକ୍ତିଗତ ତଥା ସୃଜନ-ଜୀବନ ବହୁ ଝଡ଼ଝଞ୍ଜା ଦେଇ ଗତି କରିଥିଲା। ୧୯୭୩ରେ ପ୍ରକାଶିତ 'ବଦନ ଦରୀଦା' କବିତା ପାଇଁ ତାଙ୍କ ବିରୁଦ୍ଧରେ ଉଠିଥିଲା ଅଶ୍ଳୀଳତାର ଅଭିଯୋଗ, ଯେପରି ଉଠିଥିଲା 'ଲିହାଫ୍' ଗଳ୍ପ ପାଇଁ ଲେଖିକା ଇସ୍ମତ୍ ଚୁଗ୍‌ତାଇଙ୍କ ବିରୁଦ୍ଧରେ, ୧୯୪୨ରେ। ୨୦୦୭ରେ ପୁଅର ମୃତ୍ୟୁ ତାଙ୍କ ପାଇଁ ଥିଲା ଅକାଳରେ ବଜ୍ରପାତ ସଦୃଶ। ବହୁ ଲୋକପ୍ରିୟ, କ୍ଷୁରଧାର କବିତା, ଗଳ୍ପ ଓ ଉପନ୍ୟାସ ଲେଖିବା ସତ୍ତ୍ୱେ ଜୀବନରେ ସେ ଆଶାନୁରୂପ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରି ନ ଥିଲେ, ଯେପରି ହୋଇଥିଲେ ତାଙ୍କଠୁଁ କମ୍ ପ୍ରତିଭାବାନ୍ ସମକାଳର ବହୁ ଲେଖକ। ରିୟାଜ୍‌ଙ୍କ ଲେଖାଥିଲା ଶବ୍ଦର ସ୍ଫୁଲିଙ୍ଗ, ଅସହାୟର ଅଶ୍ରୁବିନ୍ଦୁ ଓ ନ୍ୟାୟ ପାଇଁ ନିପୀଡ଼ନର ରକ୍ତଚକ୍ଷୁ। ଲେଖକୀୟ ଖ୍ୟାତିରେ ସେ ଥିଲେ ନାଜିମ୍ ହିକ୍‌ମତ୍, ପାବ୍ଲୋ ନେରୁଦା, ଜାଁ ପଲ୍ ସାର୍ତ୍ତ ଓ ସିମୋନ୍ ଡି ବିଭୋରଙ୍କ ସମାସ୍କନ୍ଧ, ଅଥଚ ତାଙ୍କ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ ବର୍ଷ ବିତିଛି ଅଭାବର କଷାଘାତରେ। ଭୋଗିଛନ୍ତି ରାଷ୍ଟ୍ରର ଅଭାବନୀୟ ଆକ୍ରୋଶ। ସବୁ ସତ୍ତ୍ୱେ ଆଜି ଦେଦୀପ୍ୟମାନ ତାଙ୍କ ଅମ୍ଳାନ ଅକ୍ଷରକୀର୍ତ୍ତି, କାଳର ଅଳିନ୍ଦରେ, ତାଙ୍କ ଅବର୍ତ୍ତମାନରେ।

– ପ୍ରସ୍ତୁତି : ଡ. ହୃଷୀକେଶ ମଲ୍ଲିକ

# କବିତା



## ଅଯୋଧ୍ୟା: ଡିସେମ୍ବର

### ଅମରେନ୍ଦ୍ର ମାଧବ ଦାଶ

ଡିସେମ୍ବର ଆସିଲେ ଡରିଯାଏ ମୁଁ...

ଗୋଟେ ସକାଳ ଆସି
ଠିଆ ହୁଏ ସାମ୍ନାସାମ୍ନି
ହକ୍ ପାଇଁ ଜିଦ୍ କରେ
ଅଧିକାର ମାଗେ, ନ୍ୟାୟ ମାଗେ
କିଏ ଗୋଟେ ଧଡ଼ଧଡ଼ କରେ ଛାତି ତଳେ
କାନ ପାଖରେ ଶୁଭେ
ଦଳଦଳ ମଣିଷଙ୍କ ଧଡ଼ାକ୍ ଧଡ଼ାକ୍ ପାଦଶବ୍ଦ...

କାହାର ହୁରିପକା ଡାକ
ଭେଦିଯାଏ କର୍ଣ୍ଣପଟଳ
କୋରଣା ଧରି କେହି କୋରି ପକାଏ ମୋତେ
ଉଦଣ୍ଡ ନାଚୁଥିବା ଗୋଟେ ଅଟ୍ଟହାସ୍ୟ
ଖତେଇ ହୁଏ ମୋ' ବିବଶତାରେ
ଶ୍ମଶାନର ସଞ୍ଜ ପରି ବେଶ୍ ଭୟଙ୍କର ଲାଗେ...

କେଉଁଠୁ ଧୂଆଁ ଉଠିଲେ
ଜଳିଯାଏ ମୋ' ଭିତରର ଅଳିନ୍ଦନିଳୟ
କାହାର ଆହା ପଦ ଶୁଣାଯାଏ ଚିତ୍କାର ଭଳି
ବିବଶ ହୋଇପଡ଼େ, ନିସ୍ତେଜ ହୋଇଯାଏ
ମୋ' ସମଗ୍ର ଶରୀର...

ଅଜଣା ଭୟ, ଆତଙ୍କ
ରଚୁଥାଏ ଭିନ୍ନ ଏକ ଶିହରଣ
ଅବିଶ୍ୱାସର ଘେରାବନ୍ଦୀ କରୁଥାଏ ଅଣନିଃଶ୍ୱାସୀ
ପାଦ ଥାପୁଥିବା ମାଟି ବି ଲାଗେ
ଏ ବେଳରେ ଅଜଣା ଅଜଣା...

କିଛି ଅକୁହା କଥା
ଝୁଣି ଚାଲିଥାଏ ମୋତେ
କ୍ଷତାକ୍ତ କରୁଥାଏ, ରକ୍ତାକ୍ତ କରୁଥାଏ
ହାଡ଼, ମଞ୍ଜରୁ ଖସାଇ ଦେଉଥାଏ
ପୁଳାପୁଳା ମାଂସ...

ସମୟ, ସରକାର, ସମ୍ବିଧାନକୁ
ଏ ବେଳରେ ଫିଙ୍ଗିଦେବାକୁ
ଇଚ୍ଛା ହୁଏ ସମୁଦ୍ରରେ ଯେ
ମୁଁ କୋଉ ନିଜ ଆୟତ୍ତରେ ଥାଏ ?
ସେତେବେଳକୁ ଡିସେମ୍ବର
ମୋ' ରକ୍ତକୁ ପାଣିକରି ସାରିଥାଏ...

– ପ୍ଲଟ୍ ନଂ. ୧୩୦୨/ଏ(ପ୍ରା.), ୩ୟ ମହଲା,
ୟୁନିଟ୍-୪, ଶାସ୍ତ୍ରୀନଗର, ଭୁବନେଶ୍ୱର

## ପାଦ ତଳେ ମଝି ପାହାଚ

### ପୁରୁଷୋତ୍ତମ ମହାପାତ୍ର

ଅନେକ କଥା
ଓଜନିଆ
ମନକୁ ଆସେ
ମାତ୍ର ଫଳ ଶୂନ୍
ଛୋଟ କଥାଟିର
ଫଇସଲା
ଜୀବନ ଗଢ଼ିଦିଏ !

କିଏ ବା
ଛୋଟ ହେବାକୁ ଚାହେଁ ?
ସମସ୍ତେ ଚାହାନ୍ତି
ବଡ଼ଲୋକୀ ।
ମନଟି ଯଦି ନୀଚ
ରୂପନିଏ ଭାବନା
ଅଧାଗଢ଼ା ମୂର୍ତ୍ତି !

ମୋର
ଉପର ତଳ କିଛି ନାହିଁ
ମଝି ପାହାଚରେ ପାଦ

କାମରେ କରେନି
ବଡ଼ ସାନ ବାଛବିଚାର
ତିଷ୍ଠିଛି ସେଇଥିପାଇଁ
ଯଦିଚ ଉପର ପାହାଚ,
ପହଞ୍ଚିବାର ଶକ୍ତି
ଏ ବେଳେ ଜୁଟିନି !

ତଥାପି
ଜମାରୁ ଦୁଃଖ ନାହିଁ
ତଳ ପାହାଚକୁ
ଚାହିଁଛି !

ପାଦ ତଳେ
ନେସି ହେଇଥିବା ଦୂବ
କେବେ କେଉଁ
ଶୁଭ କାମରେ ହୁଏତ ଲୋଡ଼ା ପଡ଼ିବ !

– ଗୋପାଳପୁର ଶାସନ, ବାଣପୁର,
ଖୋରଧା

## ଦୁଇଟି ମିନି କବିତା

### ଶିବ ମିଶ୍ର

**ମାଛ:**
ତମେ କହିଥିଲ
ମଧୁ ମାସ ହେବ
ମୋ' ପାଇଁ ବରଷ ସାରା
ଫୁଲ ପାଖୁଡ଼ାରୁ ଝରି ପଡୁଥିବ
ଅସରା ମହକ ଧାରା ।

ଚୋରା ଚଇତାଳି ସୁଲୁସୁଲୁ ବାଆ
ଉଲୁସାଉଥିବ ମନ
ସତ ନୁହେଁ ସବୁ ମିଛ,
ଦେଖିଯାଅ ଥରେ, ତମ ଅପେକ୍ଷାରେ
ମୁଁ ଏବେ ଡହକା
ତାତିଲା ବାଲିର ମାଛ ।।

**ବାଲିଘର:**
ଯୋଉଠି କହିଛ, ସେଇଠି ବସିଛି
ଆଙ୍ଗୁଳେ ବି ଘୁଞ୍ଚିନାହିଁ
କି ପଲକ ପକାଇ ନାହିଁ
ଯୋଜନ ଯୋଜନ ଦୂରେଇ ଗଲେଣି
ପାଖ ପରିଜନ ମୋର
ସକାଳରୁ ଆସି ବେଳ ବୁଡ଼ିଲାଣି
ସାଗର କୂଳେ ମୁଁ ଗଢୁଛି ଭାଙ୍ଗୁଛି
ଗୋଡ଼ ପୋତା ବାଲିଘର ।।

– ବାଣପୁର, ଖୋରଧା

## ଈଶ୍ୱର ସାକ୍ଷୀ

### ବିନ୍ଦୁସାଗର ଓଝା

ଚୋରକୁ ଯଦି ପଚରାଯାଏ
ତୁ ଚୋରି କରିଛୁ ?
ସେ କହିବ
ନା, ମୁଁ ଚୋରି କରିନି ।

ଚୋରି ନ କରିଥିବା ଲୋକକୁ
ଯଦି ପଚରାଯାଏ
ତୁ ଚୋରି କରିଛୁ ?
ସେ କହିବ
ନା, ମୁଁ ଚୋରି କରିନି ।

– ମୁକୁନ୍ଦପୁର, ଅଚ୍ୟୁତପୁର, ରାଜକନିକା,
କେନ୍ଦ୍ରାପଡ଼ା

## ଏଠି ଗୋଟେ ଘର ଥିଲା

### ଚକ୍ରପାଣି ପରିଚ୍ଛା

ଏଠି ଗୋଟେ ଘର ଥିଲା ।

ଯୋଉ ଘରସାରା ଝୁଲୁଚି ଏବେ
କେରାକେରା ଅଳନ୍ଧୁ
ବୁଢ଼ିଆଣୀ ଜାଲରେ
ମାଳମାଳ ପତଙ୍ଗଙ୍କ କଙ୍କାଳ ।

ଏ ଘରଟି କାହାର
ଏବଂ ସେ ଏବେ କୋଉଠି
ଖୋଜଖବର ନାଇଁ
ନିଖୋଜ ତାଲିକାରେ ନାଁ ବି ନାଇଁ ।

ଏଇ ସୁଯୋଗରେ
ଭାରି ଗୋଟେ ଭିଡ଼ାଓଟରା ଚାଲିଚି
ଆମ ଭିତରେ
ମାଲିକାନାକୁ ନେଇ ।

ବାହାର କାନ୍ଥରେ
ଟାଙ୍ଗିଦେଇଚୁ ଜବରଦସ୍ତ
ନିଜନିଜ ଦସ୍ତଖତର ଫଳକ ।

ତାଜୁବ୍ କଥା ଏୟା ଯେ
କେହି ବି ଜାଣିନୁ
ଘର ଭିତରେ ଅଛି କ'ଣ !

ଅଛି କି ଆଉ
କଳଙ୍କିଲଗା ଲୁହା ସିନ୍ଦୁକଟେ
ଗମ୍ଭୀରା ଭିତରେ
ଯୋଉଥିରେ ଭରପୂର
ମହଣ ମହଣ ସୁନା ଅସ୍ରଫି
ଅଥବା ଚଟାଣ ତଳେ ପୋତାଧନ,
ଅମାପ ରୁପାମୁଦ୍ରାର !

ଆମେ ଏବେ ଭସେଇଦେଇଚୁ
ନିଜନିଜ ଡଙ୍ଗା
କୁହୁଡ଼ିର ସମୁଦ୍ରରେ ।

କିଏ ଜାଣେ
କାହା ଭାଗରେ ଉଠି ଆସିବ
ଠିପି ବନ୍ଦ୍ ଶିଶିଟିଏ
ଯୋଉଥିରେ ବନ୍ଦୀ ଥାଇପାରେ
ଆଜ୍ଞାକାରୀ ଜିନ୍ ।

ଏବେ ମୁହଁ ଲୁଚେଇ
ପୋଛି ଦେଇଚୁ ଚୁପ୍‌ଚୁପ୍
ନିଜନିଜ ଆଖିରେ ନାଇଥିବା
କୁହୁକ ଅଞ୍ଜନ ।

ଏଠି ଗୋଟେ ଘର ଥିଲା
ଯାହା ଏବେ ନାହିଁ ।।

– ବୈପାରିଗୁଡ଼ା (କୋରାପୁଟ)

# କବିତା ଲେଖିବା ଗୋଟେ ନିଶା, ମୃତ୍ୟୁ ପର୍ଯ୍ୟନ୍ତ...





ଅଭିନନ୍ଦନ ଶତପଥୀ

**ଅଭିନନ୍ଦନ ଶତପଥୀଙ୍କ ଜନ୍ମ ଭୁବନେଶ୍ୱରର ଝାରପଡ଼ାରେ। ସମ୍ପ୍ରତି ଏହି କିଶୋର ଲେଖକ ଜଣକ ବିଜେଇଏମ୍ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ର। ଏହି ବୟସରୁ କବିତା ଲେଖିବାରେ ମନ ଦେଇଥିବା ଅଭିନନ୍ଦନଙ୍କ ଆଗ୍ରହ ସୂଚାଏ, ଯଦି ସେ ତାଙ୍କ ଜୀବନରେ ସୃଜନର ବ୍ରତକୁ କାଏମ ରଖିବେ, ତେବେ ଓଡ଼ିଆ ସାହିତ୍ୟରେ ଦିନେ ଖୁବ୍ ପ୍ରତିଭାଦୀପ୍ତ କବି ଭାବେ ଉଭା ହେବେ।**

ବିଜେଇଏମ୍ ସ୍କୁଲ୍‌ରେ ଷଷ୍ଠଶ୍ରେଣୀ ପଢୁଥାଏ। ଆମ ଘରକୁ ବିଭିନ୍ନ ପ୍ରକାରର ଓଡ଼ିଆ ଖବରକାଗଜ ଓ ଶିଶୁ ପତ୍ରିକା ଆସେ। ସେହି ପତ୍ରିକାଗୁଡ଼ିକରେ ଗପ ଓ କବିତା ଦେଖି ମୋର ବି ଆଗ୍ରହ ହେଲା ଲେଖିବା ପାଇଁ। ସେ ସମୟରୁ ହିଁ ମୋର କବିତା ଲେଖିବାର ଯାତ୍ରା ଆରମ୍ଭ ହେଲା। 'ଜନ୍ମ-ମୃତ୍ୟୁ' ମୋର ପ୍ରଥମ କବିତା ଥିଲା। ଏହା ୨୦୧୦ରେ 'ଝଙ୍କା' ନାମକ ପତ୍ରିକାରେ ପ୍ରକାଶ ପାଇଥିଲା। ଏହି କବିତାକୁ ଦେଖି ମୋ' ବାପା ଅଭୟ କୁମାର ଶତପଥୀ ଓ ମାଆ ବସନ୍ତମଞ୍ଜରୀ ଶତପଥୀ ବହୁତ ଖୁସି ହୋଇ ଯାଇଥିଲେ। ଆମ ସ୍କୁଲ୍‌ର ପ୍ରିନ୍ସିପାଲ ମେମ୍ ମଧ୍ୟ ଏହାକୁ ଦେଖି ମତେ ସାବାସି ଦେବା ସହିତ ଲେଖିବାକୁ ପ୍ରେରଣା ଯୋଗାଇଥିଲେ। ଏହି ଆଗ୍ରହକୁ ଦେଖି ମୋର ମାଆ ସବୁବେଳେ ମତେ ବିଭିନ୍ନ କଥା ଓ କବିତା ଶୁଣାନ୍ତି। ଏହାଦ୍ୱାରା ମୋର କବିତା ଲେଖିବାର ଶୈଳୀ ଧୀରେଧୀରେ ଭଲ ହେବାରେ ଲାଗିଲା। ମୋ' ବାପା ମଧ୍ୟ ଜଣେ କବି। ମୁଁ କବିତା ଲେଖିସାରି ତାଙ୍କୁ ଦେଖାଏ। ସେ ମତେ ଅତି ସ୍ନେହରେ ପାଖକୁ ଡାକି କିପରି କବିତା ଲେଖାଯାଏ ତାହା ବୁଝାନ୍ତି। 'ଆମ ବିଦ୍ୟାଳୟ', 'ଓଡ଼ିଶା ସଂସ୍କୃତି', 'ମହାନ ମୋ ଉତ୍କଳ', 'ବର୍ଷା' ପରି ମୋର ଅନେକ କବିତା ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି। ଓଡ଼ିଆ ସହିତ ଇଂଲିଶ୍‌ରେ ମଧ୍ୟ କବିତା ଲେଖିବା ଆରମ୍ଭ କରିଥିଲି। 'Best and easy subject is Math' ହେଉଛି ମୋର ପ୍ରଥମ ଇଂଲିଶ୍ ଲେଖା। ବାପା-ମାଆଙ୍କ ଆଶୀର୍ବାଦ ଓ ସ୍କୁଲ୍ ପିଲାମାନଙ୍କର ସ୍ନେହ, ଭଲପାଇବା ହିଁ ମତେ କବିତା ଲେଖିବାକୁ ପ୍ରେରଣା ଦେଇଛି। ମୁଁ ଆଜି ବି କହିବି- ''କବିତା ଲେଖିବା ଗୋଟେ ନିଶା-ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ।''

# ପୁସ୍ତକ ପରିଚୟ

## ଜୀବନ ପାତ୍ର ମୋ ଭରିଛ କେତେମତେ

**ଲେଖକ: ବିଭୂତି ପଟ୍ଟନାୟକ**
**ପ୍ରକାଶକ: ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ. ୬୦୦/-**




ପ୍ରାୟ ୬୦୦ ପୃଷ୍ଠାର ୧/୮ ଡିମାଇ ସାଇଜ୍‌ର ଏହି ସୁଦୃଶ୍ୟ ବହିଟି ହେଉଛି ପ୍ରଥିତଯଶା ଓଡ଼ିଆ ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଆତ୍ମଜୀବନୀ। ବିଭିନ୍ନ ପତ୍ରପତ୍ରିକାରେ ଭିନ୍ନଭିନ୍ନ ଅବକାଶରେ ନିଜ ଜୀବନର କିଛି ବିରଳ ସ୍ମୃତିକୁ ଲିପିବଦ୍ଧ କରିବା ଉଦ୍ୟମର ଏ ହେଉଛି ପରିଣତ ରୂପ, ଯହିଁରେ ଲେଖକ ତାଂକ ଜୀବନ ଓ ସୃଜନର ନାନା ବୈଚିତ୍ର୍ୟପୂର୍ଣ୍ଣ ଅନୁଭୂତିକୁ ସଂପାଦି ପାରିଛନ୍ତି ଅତି କଳାପୂର୍ଣ୍ଣ ଭାବେ। ଗ୍ରନ୍ଥାରମ୍ଭରେ 'ନଭେଲିଷ୍ଟ ନୁହେଁ, ସୋସଲିଷ୍ଟ' ଶୀର୍ଷକରେ ସେ ଲେଖିଛଂତି: ''ଆତ୍ମଜୀବନୀ ଲେଖିବି ନାହିଁ ଲେଖିବି ନାହିଁ ବୋଲି ଯେତେ ଭାବିଥିଲେ ମଧ୍ୟ ଲେଖୁଲେଖୁ ଲେଖି ହୋଇଗଲା 'ଜୀବନ ପାତ୍ର...'। ଏହାର ଶେଷ ଅଂଶ ଲେଖିସାରି ପଛକୁ ଫେରି ଚାହିଁବାମାତ୍ରେ ମୁଁ ନିଜକୁ ନୂତନ ଭାବେ ଆବିଷ୍କାର କରିଛି।'' ମୋଟ ୬୦ଟି ପରିଚ୍ଛେଦରେ ବିଭକ୍ତ ଏଇ ଆତ୍ମଜୀବନୀଟି କେବଳ ଲେଖକଙ୍କ ଜୀବନର ବିରଳ ଅନୁଭୂତିମାନଙ୍କୁ ସଜାଡ଼ି ରଖିନାହିଁ, ବରଂ ତାଂକ ସମକାଳର ବହୁ କିମ୍ବଦନ୍ତୀପ୍ରତିମ ଜନନାୟକ ଓ ସାହିତ୍ୟରଥୀମାନଙ୍କ ମହନୀୟତା ଓ ବଡ଼ପଣକୁ ଆଲୋକିତ କରିଛି। ଅନେକ ଆତ୍ମଜୀବନୀରେ ନିଜକୁ ଡେଙ୍ଗା କରି ଦେଖାଇବାର ଯେଉଁ ବିକଳ ପ୍ରଚେଷ୍ଟା ହୋଇଥାଏ, ଏଥିରେ ଅନ୍ତତଃ ସେପରି ହୋଇନାହିଁ। ୧୯୩୬ (ଲେଖକଙ୍କର ଜନ୍ମ)ରୁ ୨୦୧୭ (ଗ୍ରନ୍ଥର ପ୍ରକାଶକାଳ)- ପ୍ରାୟ ୮୧ ବର୍ଷର ଓଡ଼ିଆ ସମାଜ ଓ ସାହିତ୍ୟର ବିଶ୍ୱସ୍ତ ଦଲିଲ୍ ହୋଇ ପାରିଥିବାରୁ ଓ ଏହାର ଭାଷାରେ ଟାଣିଧରିବାର ଯାଦୁ ମହଜୁଦ ଥିବାରୁ ଏହାଯେ ବହୁଳ ଭାବେ ପଠିତ ଓ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।

## ବାମା ଚରଣ ମିତ୍ର ସୃଜନସଂଭାର

**ସଂପାଦନା: ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ**
**ପ୍ରକାଶକ: କାହାଣୀ, କଲ୍ୟାଣୀ ନଗର, କଟକ-୧୩**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୭୫୦/-**

ପ୍ରୟାତ ଲେଖକ ବାମା ଚରଣ ମିତ୍ର (୧୯୧୫-୭୫)ଙ୍କ କ୍ଷୁଦ୍ରଗଳ୍ପ ଓ ଏକାଂକିକାକୁ ନେଇ ସଂକଳିତ ହୋଇଛି ୮୬୪ ପୃଷ୍ଠାର ଏହି ବିପୁଳକାୟ ଗ୍ରନ୍ଥ, ଯାହାର ପ୍ରଯତ୍ନ ସଂପାଦନା କରିବାରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଆଦୌ କାର୍ପଣ୍ୟ କରିନାହାନ୍ତି। ସ୍ଥାନିତ ଲେଖାଗୁଡ଼ିକର ପ୍ରାମାଣିକତା ରକ୍ଷା ପାଇଁ ସଂପାଦକ ମୂଳପତ୍ରିକା ଆଡ଼େଇ ଆପାତତଃ ଯୁକ୍ତିଯୁକ୍ତ ମନେହୋଇଥିବା ପାଠାଂଶକୁ ସ୍ଥାନିତ କରିଛନ୍ତି, ଯାହା ଏହି ଗ୍ରଂନ୍ଥର ଅନନ୍ୟତା। ସଂକଳନରେ ଅନ୍ତର୍ଭୁକ୍ତ ହୋଇଛି 'କୀର୍ତ୍ତିର୍ଯସ୍ୟ' (୧୯୫୦), 'ନରଛଅାଣ' (୧୯୫୧), 'ସ୍ୱପ୍ନ ସିଦ୍ଧ' (୧୯୬୦), 'ପାଷାଣର ପ୍ରାଣ' (୧୯୬୧), 'ଅସୀମ' (୧୯୬୧), 'ବଟ ମହାପୁରୁଷ' (୧୯୬୩) ଓ 'ମହାପୁରୁଷ ବାଗ' (୧୯୬୩) ଗଳ୍ପପୁସ୍ତକ, ଯାହା ୭୩ଟି ଗଳ୍ପର ସମାହାର। ଏତଦ୍‌ବ୍ୟତୀତ 'ଅନ୍ୟାନ୍ୟ ଗଳ୍ପ ଓ ଏକାଂକିକା' ଶୀର୍ଷକରେ ଗ୍ରଥିତ ଲେଖକଙ୍କର ଅନ୍ୟ ୧୫ଟି ଗଳ୍ପ ('ବାବା ଓହରାନନ୍ଦଙ୍କ ବିବାହ-ବୃତ୍ତାନ୍ତ', 'ମାନବ ଓ ଦାନବ', 'ପକ୍ଷାଘାତ', 'ଆଗନ୍ତୁକ', 'ହୋଲି', 'ଧର୍ମକ୍ଷେତ୍ରେ', 'ମିମିର ସଭ୍ୟତା ଶିକ୍ଷା', 'ପାକ ପ୍ରଣାଳୀ', 'ଓଁ ଶାନ୍ତିଃ', 'ଶୃଙ୍ଖଳା ପତର', 'ଲୀଳା ବିଧୃତ କଳେବର', 'ପଘା', 'ଗୋଟିଏ ମଧ୍ୟବିତ୍ତ ପରିବାରରେ ମୂଷା', 'ମଦର୍ ସଂଚୟିତା' ଓ 'ଜ୍ଞାନ ତା' ହୃଦରୁ ଉଦୟ') ଓ ଏକମାତ୍ର ଏକାଂକିକା 'ଶରଶଯ୍ୟା'। ଲେଖାଗୁଡ଼ିକ ପ୍ରକାଶିତ ହୋଇଥିବା ମୂଳପତ୍ରିକା ଓ ପୁସ୍ତକର ସୂଚନା ପରିଶିଷ୍ଟରେ ପ୍ରଦାନ କରି ସଂପାଦକ ବାମାବାବୁଙ୍କ କଥାସାହିତ୍ୟର ଐତିହାସିକ ଅନୁଶୀଳନକୁ ସୁଗମ କରାଇଛନ୍ତି। ଗ୍ରନ୍ଥଟି ଓଡ଼ିଆ ସାହିତ୍ୟ ଭଣ୍ଡାରରେ ଯେ ଏକ ଅମୂଲ୍ୟ ସଂଚୟ, ଏଥିରେ ସନ୍ଦେହ ନାହିଁ।




## ରତଂବରା

**କବି: ଫନୀ ମହାଂତି**
**ପ୍ରକାଶକ: ଜ୍ଞାନଯୁଗ ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୨୦୦/-**




ମୋଟ ୫୪ଟି କବିତାକୁ ନେଇ 'ରତଂବରା' କବିତା ସଂକଳନଟି ପରିକଳ୍ପିତ। ବିରହ ଓ ବିଷାଦର କବିଭାବେ ଖ୍ୟାତ ଏହି କବିଂକର ଗ୍ରନ୍ଥସ୍ଥ କବିତାଗୁଡ଼ିକ ଜୀବନର ମିଶ୍ରରାଗରେ ଅନୁରଂଜିତ। ପ୍ରେମ ଓ ଜୀବନ ଅଧିକାଂଶ କବିତାର ଦୁଇ ପ୍ରାଂତବିନ୍ଦୁ, ଯାହାର ସୀମା ଛୁଇଁ କବିତାଗୁଡ଼ିକ ଗତିଶୀଳ ଏକଏକ ଗଦ୍ୟ-ଗଜଲ୍। କେତୋଟି ଉଦ୍ଧୃତି ଏହିପରି: ୧- ''ଦିନୁଁଦିନ ଦିନ ଯାଏ ସରି/ଭରା ନଇ ଦାଢ଼େ ମୋର ପାଦ ଟଳମଳ/ମୁଁ ଯେମିତି ଗୋଟେ ଫଟାତୁଟା ନାଆ/ ନିଜେ ହିଁ ସେ ନାଆର ଅଭାଗା ନାଉରୀ।'' (''ଦିନୁଁଦିନ ଦିନ ଯାଏ ସରି'', ପୃ:୨୨) ; ୨- ''ତପଶ୍ଚର ଯୋଗୀରାଜ ପରି ସାରା/ରାତି ମଧୁଶାଳେ ହରଦମ୍ ମୁଁ/ ମସ୍ତ ଓ ମାତାଲ,/ତାହା ହିଁ ଅବଧାରିତ ଭାଗ୍ୟଲିପି/ ଦୀନହୀନ ଯେ' ଅକିଂଚନର।'' (''ଅଭାଜନ'', ପୃ:୬୩)। ଏହିପରି ଅସଂଖ୍ୟ ଉଦ୍ଧୃତି ସାବ୍ୟସ୍ତ କରେ ଜୀବନ ଓ ପ୍ରେମ ପ୍ରତି କବିଙ୍କର ବିଶ୍ୱସ୍ତ ଦାୟବଦ୍ଧତା। ଜୀବନର କ୍ଷଣଭଂଗୁରତା ଓ ମହାକାଳର ବ୍ୟାପ୍ତି କବିତାଗୁଡ଼ିକରେ ତିଆରି କରଂତି ଏପରି ଏକ ପ୍ରେକ୍ଷାପଟ, ଯାହା କବିତାର ପ୍ରତ୍ୟେକଟି ଅଭିବ୍ୟକ୍ତିକୁ ସ୍ପନ୍ଦିତ ଓ ଗତିଶୀଳ କରାନ୍ତି। ବହିଟିର ବିପୁଳ ପ୍ରସାର ଅବଧାରିତ।

## TILL MY TIME COME

**କବି: ସୀତାକାନ୍ତ ମହାପାତ୍ର**
**ଅନୁବାଦିକା: ପ୍ରଭାତନଳିନୀ ଦାସ**
**ପ୍ରକାଶକ: ଲେଖାଲେଖି**
**ପ୍ରଥମ ପ୍ରକାଶ: ୨୦୧୮**
**ମୂଲ୍ୟ: ଟ. ୧୦୦/-**




ଖ୍ୟାତନାମା କବି ସୀତାକାନ୍ତ ମହାପାତ୍ରଙ୍କ 'ସମୁଦ୍ର' କବିତା ସଂକଳନରୁ ୨୦ଟି କବିତା ବାଛି ତା'ର ଇଂଲିଶ୍ ଅନୁବାଦ କରିଛନ୍ତି ବିଶିଷ୍ଟ ଅନୁବାଦିକା ପ୍ରଭାତନଳିନୀ ଦାସ। ପ୍ରାକ୍‌ଲେଖରେ ଅନୁବାଦିକା ଲେଖିଛନ୍ତି: ''I have selected twenty poems to translate x x with the title, Till My Time Come. x x The language of the poems is a confluence of the classical and the spoken idioms. I have tried to approximate the rhythm of the original while remaining aware of the challenge of doing so in translation.'' ଅନୁବାଦବେଳେ ଅନୁବାଦିକା ଦାସ ମୂଳ କବିତା ପ୍ରତି କେତେ ବିଶ୍ୱସ୍ତ, ତାହା ନିମ୍ନର ତୁଳନାରୁ ବୁଝାପଡ଼େ: ''ଜାଣେ ତମେ ଆସୁଚ ଆସୁଚ/କୁନିକୁନି ଲକ୍ଷ୍ମୀପାଦ ପକେଇ ପକେଇ/ତମ ନୂପୁରର ରୁଣ୍ଡୁଝୁଣ୍ଡୁ ଶୁଭୁଚି ଶୁଭୁଚି/କେତେ ଜନ୍ମ କେତେ ମୃତ୍ୟୁ ଡେଇଁ'' (ସମୁଦ୍ର)- ଏହାର ଇଂଲିଶ୍ ରୂପାଂତରଟି ଏହିପରି: ''I know you follow, you follow me/etching tiny footprints Laxmi-like/the tinkling of your ankle bells is heard, beyond countless births and deaths.'' (The Sea) ଏହିପରି ୨୦ଟିଯାକ କବିତାରେ ମୂଳ କବିତାର ଭାବ ଓ ଛନ୍ଦକୁ ସୁରକ୍ଷିତ ରଖିବାର ଯେଉଁ ପ୍ରଯତ୍ନ ବହିଟିରେ କରାଯାଇଛି, ତାହା ଏକାନ୍ତ ପ୍ରଶଂସାଯୋଗ୍ୟ। ଅଣଓଡ଼ିଆ ପାଠିକାପାଠକଙ୍କ ପାଇଁ ସୀତାକାଂତଙ୍କ କବିତାର ଗଭୀରତା ବୁଝିବାରେ ଏହା ସାହାଯ୍ୟ କରିବ।

## କନୀନିକା

**କବି: ପଣ୍ଡିତ ଧନେଶ୍ୱର ନନ୍ଦ**
**ପ୍ରକାଶକ: ଶୁଭେନ୍ଦୁ ମୌଳିନନ୍ଦ**
**ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ. ୫୦/-**




ମୋଟ ୩୮ଟି କବିତା ସ୍ଥାନ ପାଇଛି 'କନୀନିକା'ରେ। ଗ୍ରନ୍ଥାରମ୍ଭରେ କବି କହିଛନ୍ତି, ୧୯୯୯ ମହାବାତ୍ୟାରେ କବିତା ଖାତାଟି ଓଦା ହୋଇ ନଷ୍ଟ ହୋଇଯାଇଥିଲା ଓ 'ବାଲିଘର'ର ସଂପାଦକ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପରାମର୍ଶ କ୍ରମେ ନଷ୍ଟପ୍ରାୟ ଖାତାରୁ କତିପୟ କବିତା ଉଦ୍ଧାର କରି କବି ଏହି ବହିଟି ପ୍ରକାଶ କରିଥିଲେ। ଅଧିକାଂଶ କବିତା ଗୀତିଧର୍ମୀ। ସମାଜ ଓ ଜୀବନର ପ୍ରତ୍ୟକ୍ଷ ଅନୁଭୂତି ସଂଜାତ। ଉଦ୍ଧୃତିଟିଏ ନେବା: ''ସତ କହ ତୁମେ ଚାଉଏନ୍‌ଲାଇ ଜନତା ଆଗରେ ସତ କହ/ ପଞ୍ଚଶୀଳର ନୀତି ଲଂଘନ ତୁମେ କି ପ୍ରଥମେ କରିନାହଁ?'' (ଆମ ଏ ଭୂଇଁରୁ ହଟିଯାଅ, ପୃ:୧୯)। ୧୯୬୨ରେ ଚୀନ୍ ଭାରତକୁ ଆକ୍ରମଣ କରିବାର ପ୍ରତିକ୍ରିୟାରେ କବିତାଟି ରଚିତ, ଯହିଁରେ ରସୋତ୍ତୀର୍ଣ୍ଣ କବିର କ୍ରୋଧ, ଯାହା ବ୍ୟକ୍ତିଗତ ନୁହେଁ ସାମୂହିକ ଓ ଜାତୀୟ। ବହିଟିର ପ୍ରସାର ଆମର କାମନା।